## ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ରୋଗୀଙ୍କ ଜୀବନ ସହ ଖେଳ

- ରୋଗୀ ଦେଖୁଛନ୍ତି ଫାର୍ମାସିଷ୍ଟ
- ଇଞ୍ଜେକ୍ସନ ଦେଉଛନ୍ତି ସୁଲଭ କର୍ମଚାରୀ

**ବନ୍ତ,୨୭ା୧(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା। ରୋଗୀଙ୍କ ଜୀବନ ସହ ଖେଳ ଚାଲିଛି। ଡାକ୍ତରଙ୍କ ଅନୁପସ୍ଥିତିରେ ଏଠାରେ ଫାର୍ମାସିଷ୍ଟ ରୋଗୀ ଦେଖୁଛନ୍ତି। ମଙ୍ଗଳବାର ସକାଳେ ଏଭଳି ଘଟଣା ଦେଖିବାକୁ ମିଳିଥିବା ବେଳେ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଇଆସୁଥିବା ବେଳେ ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ସକାଳ ପ୍ରାୟ ୯ଟା ୩୦ ବେଳେ ସ୍ଥାନୀୟ ଅଞ୍ଚଳର ରୋଗୀମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେବା ପରେ ଫାର୍ମାସିଷ୍ଟ ରୋଗୀମାନଙ୍କୁ ଦେଖୁଥିଲେ। ସେହିପରି ଅନ୍ୟ ଏକ ରୁମ୍‌ରେ ଜଣେ ସୁଲଭ କର୍ମଚାରୀ ରୋଗୀମାନଙ୍କୁ ଇଞ୍ଜେକ୍ସନ ଦେଉଥିବାର ଦେଖାଯାଇଥିଲା। ଏହାକୁ ନେଇ ରୋଗୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏପରି ଘଟଣା ଏଠାରେ ନିତି ଦିନିଆ ବୋଲି କହିଛନ୍ତି। ଭଦ୍ରକ-ଆନନ୍ଦପୁର ୫୩ନଂ.ରାଜ୍ୟ ରାଜପଥ ପାର୍ଶ୍ୱରେ ବନ୍ତ ସଦରମହକୁମା ଉପରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଥିବାବେଳେ ଜରୁରିକାଳୀନ ସ୍ଥିତିରେ ବହୁ ରୋଗୀ ଏଠାକୁ ଆସିଥାନ୍ତି। ବନ୍ତ, ପଧାନପଡ଼ା, ଟିଲୋ, ନିଳୋକ, ରାମଚନ୍ଦ୍ରପୁର, ବସନ୍ତିଆ ଆଦି ପଞ୍ଚାୟତର ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଏଠାରେ ସ୍ୱାସ୍ଥ୍ୟସେବା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆବଶ୍ୟକ ଚିକିତ୍ସା ଅଭାବରୁ ରୋଗୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରି ଦିଆଯାଉଛି। ଜଣେ ଏଲୋପାଥିକ ଡାକ୍ତର, ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ୨ଜଣ ଷ୍ଟାଫନର୍ସ, ଜଣେ ଏଏନ୍ଏମ୍, ଜଣେ ଲାବ୍ ଟେକ୍ନିସିଆନ, ୨ଜଣ ଔଷଧ ବିତରଣ କର୍ମଚାରୀ, ଜଣେ ସୁଲଭ କର୍ମଚାରୀ ଏବଂ ୨ଜଣ ୱାର୍ଡ ପରିଚାରକଙ୍କୁ ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି। ମାତ୍ର ବହୁ ସମୟରେ ଡାକ୍ତର ଅନୁପସ୍ଥିତ ରହୁଥିବାରୁ ରୋଗୀମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଆୟୁଷ ଡାକ୍ତର ଛୁଟିରେ ଥିବାବେଳେ ମଙ୍ଗଳବାର ଏଲୋପାଥିକ ଡାକ୍ତର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନ ଥିବାର ଦେଖାଯାଇଥିଲା। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଟିଲୋ ପଞ୍ଚାୟତ ସରପଞ୍ଚ ସଂଗ୍ରାମ କେଶରୀ ଜେନା କହନ୍ତି, ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଭାବେ ଡାକ୍ତର ରହୁ ନ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। କେତେବେଳେ ଲୋକଙ୍କ ଜୀବନ ଯିବ କହିହେଉ ନାହିଁ। ଏହାର ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ସାମାଜିକ କର୍ମୀ ରମେଶ ଜେନା କହନ୍ତି, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଏଭଳି ସମସ୍ୟା ଲାଗିରହିଛି। ଫଳରେ ଲୋକେ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଥିପ୍ରତି ସରକାରଙ୍କ ଉଦାସୀନତା ଯୋଗୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ମନୋଜ କୁମାର ପତିଙ୍କୁ ପଚାରିବାରୁ ଘଟଣା ବିଷୟରେ ସିଡିଏମ୍‌ଓଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ରୋଗୀଙ୍କ ଚିକିତ୍ସା କରୁଛନ୍ତି।

# ମିଳିତ ଜନଶୁଣାଣି ଶିବିରରେ ୧୫୯ ଅଭିଯୋଗ



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଭଣ୍ଡାରିପୋଖରୀ,୨୭ା୧(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ କୁମାର ରାଉତରାଏ ଓ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୧୫୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୪୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ୨ଜଣ ଅଭିଯୋଗକାରୀଙ୍କୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଧାନକ୍ରୟରେ ମିଲରମାନେ ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଥିଲା। ମଣ୍ଡିକୁ ଆସୁଥିବା ଧାନର ମାନ ଠିକ୍ ଥିବାବେଳେ ମିଲରମାନେ କଟ୍‌ନିଛଟ୍‌ନି ପାଇଁ ଚାପ ପ୍ରୟୋଗ କରୁଛନ୍ତି। ମଣ୍ଡିକୁ ଧାନ ପରିବହନ ଯାନ ଯୋଗାଉ ନାହାନ୍ତି କି କ୍ରୟ ଧାନ ଉଠାଉ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଭଣ୍ଡାରିପୋଖରୀ ମେଡିକାଲରେ ୧୭ବର୍ଷରୁ ଅଧିକ ଅବଧି କର୍ମଚାରୀଙ୍କୁ ବଦଳି କରାଯିବା, ମୋବାରକପୁର ଗ୍ରାମ ସରକାରୀ ଜମିକୁ ଜବରଦଖଲ କରି କୁକୁଡ଼ା ଫାର୍ମ ନିର୍ମାଣ କରାଯାଉଥିବା ଅଭିଯୋଗ, ବ୍ଲକରୁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବଦଳି କରାଯିବାକୁ ରବୀନ୍ଦ୍ର ଦେଓ ଦାବି କରିଥିଲେ। ତହସିଲରେ ଜମି ମାପଚୁପ ବିଳମ୍ବ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଶିବିରରେ ଯୋଗ ଦେଇଥିଲେ।

# ୨ଦିନରେ ବିଜେଡିରୁ ୩ ନିଲମ୍ବିତ

**ଧାମନଗର,୨୭ା୧(ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। କେତେବେଳେ ନେତା ଓ କର୍ମୀ ବିଜେଡି ଛାଡ଼ି ଅନ୍ୟ ଦଳକୁ ଯାଉଥିବା ବେଳେ ଆଉ କେତେବେଳେ କର୍ମୀଙ୍କୁ ଦଳରୁ ନିଲମ୍ବନ କରାଯାଉଛି। ହସନାବାଦ ପଞ୍ଚାୟତର ବିଜେଡି ସମର୍ଥିତ ସମିତିସଭ୍ୟା ଅଭିଲିପ୍ସା ରାଉତ ଓ ପ୍ରମୁଖ ନେତା ଧରଣୀଧର ବସନ୍ତିଆଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଧାମନଗର ବ୍ଲକ ସଭାପତି ପ୍ରତାପ ସାମଲ ସୋମବାର ନିଲମ୍ବନ କରିଛନ୍ତି। ସେହିପରି ମଙ୍ଗଳବାର ଦଇପୁର ପଞ୍ଚାୟତର ସରପଞ୍ଚ ଦୀପାଞ୍ଜଳି ନାୟକଙ୍କୁ ମଧ୍ୟ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରିଛନ୍ତି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବହୁ ବଡ଼ ବଡ଼ ନେତା ଓ କର୍ମୀ ବିଜେଡି ପରିତ୍ୟାଗ କରିବା ସହ ପଞ୍ଚାୟତ, ଏନ୍ଏସି ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ହେବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ବିଷ ବୋତଲ ଧରି ଚାଷୀଙ୍କ ଧାରଣା

## ଧାନ କଟ୍‌ନି ଛଟ୍‌ନିକୁ ବିରୋଧ

**ବାସୁଦେବପୁର,୨୭ା୧**
**(କାଳିପଦ ରାୟ/ ନାରାୟଣ ପ୍ରସାଦ ବାରିକ୍)**

ମଣ୍ଡିରେ ଧାନ କଟ୍‌ନି ଛଟ୍‌ନିକୁ ବିରୋଧ କରି ଚାଷୀମାନେ ମଙ୍ଗଳବାର ପୂର୍ବାହ୍ନରେ ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ବଚ୍ଛଦା ସେବା ସମବାୟ ସମିତି ଆଗରେ ହୋହଲ୍ଲା କରିବା ସହ ବିଷ ବୋତଲ ଧରି ଧାରଣାରେ ବସିଥିଲେ। ଧାନ କ୍ରୟ ଆରମ୍ଭରୁ କଟ୍‌ନି ଛଟ୍‌ନି ପ୍ରସ୍ତାବକୁ ଚାଷୀମାନେ ବିରୋଧ କରିଛନ୍ତି। ଧାନ କିଣିବାକୁ ଆସିଥିବା ମିଲରଙ୍କ ଉପସ୍ଥିତିରେ ଚାଷୀମାନେ କଟ୍‌ନି ଛଟ୍‌ନିକୁ ବିରୋଧ କରିବାରୁ ଧାନକିଣା ହୋଇପାରି ନ ଥିଲା। ବ୍ଲକ ଯୋଗାଣ ଅଧିକାରୀ ମଧୁସ୍ମିତା ସେନାପତି ଓ ସୁପରଭାଇଜିଂ ଅଫିସର ବାବାଜୀ ଚରଣ ମଲ୍ଲିକ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିବା ସହ ଏଫ୍ଏକ୍ୟୁ ମାନର ଧାନ ଦେବାକୁ କହିଥିଲେ। ଅପରାହ୍ନ ୫ଟା ଯାଏ ଧାରଣା ଜାରି ରହିଥିଲ। ଚାଷୀମାନଙ୍କ ପ୍ରତିନିଧି ସହ ସମିତି ସମ୍ପାଦିକା ସ୍ମିତାରାଣୀ ମଲ୍ଲିକ ଯାଉ ମିଲରଙ୍କ ଆଲୋଚନା କରିଥିଲେ। ବୁଧବାରଠାରୁ ଧାନ କିଣାଯିବ। ତେବେ ଏଫ୍ଏକ୍ୟୁ ମାନର ଧାନରେ କଟ୍‌ନି ଛଟ୍‌ନି ହେବ ନାହିଁ ବୋଲି ନିଷ୍ପତ୍ତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ଏହି ସମିତିରେ ୪୦୯ଜଣ ଚାଷୀ ଧାନ ବିକ୍ରି ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିଥିବା ବେଳେ ୨୪୮ ଚାଷୀଙ୍କୁ ଟୋକନ ମିଳିଛି। ଚାଷୀ ଲକ୍ଷ୍ମୀପ୍ରିୟା ରାଉତ, ମହେନ୍ଦ୍ର ଦାସ, ସହଦେବ ରାଉତ, ଦିବାକର ପାତ୍ର, ଜୟନ୍ତ ପାତ୍ରଙ୍କ ସମେତ ଚାଷୀମାନେ ଧାରଣାରେ ବସିଥିଲେ।



ବଚ୍ଛଦା ସମିତି ଆଗରେ ଚାଷୀମାନେ ବିଷ ବୋତଲ ଧରି ଧାରଣା ଦେଇଛନ୍ତି।

# ତାଲା କାଟି ତେଜରାତି ଦୋକାନରୁ ଚୋରି

**ଧାମନଗର, ୨୭ା୧ (ଦେବେନ୍ଦ୍ର ଆନ୍ଦିଆ)**

ଧାମନଗର ଥାନା ଅଧୀନ ଦୋବଲ ବଜାରରେ ଥିବା ଏକ ତେଜରାତି ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ମଙ୍ଗଳବାର ସକାଳେ ଦୋକାନ ମାଲିକ ସେକ ରାଜା ଦୋକାନ ଖୋଲିବାକୁ ଆସି ସାମ୍ନାପଟ କବାଟର ତାଲା କଟାଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନରେ ଥିବା ପ୍ରାୟ ୪୦ହଜାରରୁ ଅଧିକ ମୂଲ୍ୟର ସାମଗ୍ରୀ ଚୋରି ହୋଇଥିବା ସେ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛି। ପ୍ରକାଶଥାଉ କି, ଧାମନଗର ଅଞ୍ଚଳରେ ଦୈନିକ ଛୋଟବଡ଼ ଚୋରି ସହ ଅସାମାଜିକ କାର୍ଯ୍ୟ ବଢ଼ିଚାଲିଛି। ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରାଯିବାକୁ ସ୍ଥାନୀୟ ବ୍ୟବସାୟୀମାନେ ଦାବି କରିଛନ୍ତି।

# ‘ଦାରୁଦେହୀ ଶ୍ରୀଜଗନ୍ନାଥ’ ପୁସ୍ତକ ଲୋକାର୍ପିତ

**ଧୁଷୁରୀ, ୨୭ା୧(ଦୀପ୍ତିରଞ୍ଜନ ନାୟକ)**

ସାଧାରଣତନ୍ତ୍ର ଦିବସରେ ଧାମନଗର ବ୍ଲକ ଧୁଷୁରୀସ୍ଥିତ ହୃଦାନନ୍ଦ ପାଠାଗାରରେ କବି ପଣ୍ଡିତ ନୃସିଂହ ଚରଣ ନାୟକଙ୍କ ରଚିତ ‘ଦାରୁଦେହୀ ଶ୍ରୀଜଗନ୍ନାଥ’ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ସାହିତ୍ୟିକ ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ସିଡିଏମ୍‌ଓ ଡା.ଅନୀଲ ଦାସ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଡିଆଇ ଗୟାଧର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ରାଜକିଶୋର ନାୟକ, ବାଣୀକବି ପଣ୍ଡିତ ଦୟାନିଧି ମିଶ୍ର, ପ୍ରାଧ୍ୟାପକ ପ୍ରମୋଦ କୁମାର ମିଶ୍ର, ଅଧ୍ୟାପକ ନରେନ୍ଦ୍ର କୁମାର ପଣ୍ଡା, ପ୍ରଦୀପ୍ତ କୁମାର ଦାସ, ପର୍ଶୁରାମ ପଣ୍ଡା, ଦୁର୍ଯ୍ୟୋଧନ ତରାଇ, ସାମାଜିକ କର୍ମୀ ଚତୁର୍ଭୁଜ ନାୟକ, ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, କବି ରାମଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କବିତା ପୁସ୍ତକ କବିଙ୍କ କାଳଜୟୀ ସୃଷ୍ଟି ବୋଲି କହିବା ସହ ଏହା ସମାଜକୁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେବ ବୋଲି ଅତିଥିମାନେ କହିଥିଲେ। ଧୁଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଅନୁକମ୍ପା ମହିଳା ସଂଗଠନ ସଭାପତି କବିତା ସାହୁ, ସମ୍ପାଦିକା ନମିତା ପଣ୍ଡାଙ୍କ ସମେତ ବହୁ ସାହିତ୍ୟାନୁରାଗୀ ଉପସ୍ଥିତ ଥିଲେ।

# ‘ସ୍ଥିରତା ଥିଲେ ପ୍ରାପ୍ତ ହୋଇଥାଏ ଦିବ୍ୟକୃପା’

## ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠଚକ୍ର

**ତିହିଡ଼ି,୨୭ା୧(ସଞ୍ଜିତ ବଳ)**

ଅଧିକାଂଶ ଲୋକ ଏବେ ଅସ୍ଥିରତା ମଧ୍ୟରେ ଜୀବନଯାପନ କରୁଛନ୍ତି। ଫଳରେ ସେମାନେ ଐଶ୍ୱରିକ ସତ୍ତାକୁ ଅନୁଭବ କରିବାରେ ବିଫଳ ହେଉଛନ୍ତି। ମନରେ ସ୍ଥିରତା ଥିଲେ ଏହି ଅନୁଭବ ମିଳିବା ସହ ଦିବ୍ୟକୃପା ପ୍ରାପ୍ତ ହୋଇଥାଏ ବୋଲି ତିହିଡ଼ି ବ୍ଲକ ବିଲଣା ପଞ୍ଚାୟତସ୍ଥିତ ମନୋରମା ସରକାରୀ ବାଳିକା ହାଇସ୍କୁଲରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ହାଇସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ମନୋରମା ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ପାଠଚକ୍ରକୁ ପ୍ରବଚିକା ବିଶ୍ୱମୈତ୍ରୀ ନାୟକ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଗୋଲକ ବିହାରୀ ସାହୁ ଯୋଗଦେଇ ମାନବିକ ଚେତନା ଊର୍ଦ୍ଧ୍ୱଗାମୀ ହେଲେ ଦୈବୀଶକ୍ତି ପ୍ରାପ୍ତ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ବସନ୍ତ ମଞ୍ଜରୀ ନନ୍ଦ, ଅନ୍ୟତମ ଅତିଥି ଭାବେ ଲକ୍ଷ୍ମୀ ଦଳାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତଲତା ନାୟକ, ନିରୁପମା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଗୟାଧର ଦାସ, ବଂଶୀଧର ଦାସ, ବାସନ୍ତୀ ଦାସ, ଅଞ୍ଜୁବାଳା ଦାସ, ପ୍ରଦୀପ କୁମାର ଜେନା, ସୁମତୀ ସେଣ୍ଠ, ମମତା ମହାନ୍ତି, କୃପାସିନ୍ଧୁ ପତି, ଜଗନ୍ନାଥ ମହାକୁଡ଼, ମାଳତୀଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ବିଜୟ ନାୟକ, ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ କୁମାର ନାୟକ, ଅକ୍ଷୟ ନାୟକ, ଲକ୍ଷ୍ମୀକାନ୍ତ ନାୟକ, ବିଶ୍ୱରଞ୍ଜନ ନାୟକ, ପବିତ୍ରା ବିଶ୍ୱାଳ, ଅମରେନ୍ଦ୍ର ନାୟକ, ସୁଦୀପ୍ତା ନାୟକଙ୍କ ସମେତ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପାରେ ମିଶିଲେ ସରପଞ୍ଚ, ପୂର୍ବତନ ସରପଞ୍ଚ




ମିଶ୍ରଣ ପର୍ବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭାଜପା କର୍ମକର୍ତ୍ତା ଓ ନୂତନ କର୍ମୀ।

**ଧାମନଗର,୨୭ା୧**
**(ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ନିର୍ବାଚନମଣ୍ଡଳୀର ଦଇପୁର ପଞ୍ଚାୟତ ସରପଞ୍ଚ ଦୀପାଞ୍ଜଳି ନାୟକ ଓ ହସନାବାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅକ୍ଷୟ ବେହେରା ସେମାନଙ୍କ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଭାଜପାର ଭଦ୍ରକ ଜିଲା କାର୍ଯ୍ୟାଳୟରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଏହି ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଏମ୍‌ପିଙ୍କ ଧାମନଗର ବ୍ଲକ ପ୍ରତିନିଧି ମନୋଜ ମଲ୍ଲିକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଭାଜପାର ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲା ସାଧାରଣ ସମ୍ପାଦକ ଅରବିନ୍ଦ ପତି, ଦୀପ୍ତିରଞ୍ଜନ ଜେନା, ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ଅନିରୁଦ୍ଧ ସାହୁ, ବରିଷ୍ଠ ଭାଜପା ନେତା ରାଜୀବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସଙ୍ଗଠନ ପକ୍ଷରୁ କମ୍ବଳ ବଣ୍ଟନ

**ଭଦ୍ରକ,୨୭ା୧(ରବିନାରାୟଣ ଖିଲାର)**

ସାଧାରଣତନ୍ତ୍ର ଦିବସ ଅବସରରେ ଭଦ୍ରକର ମହିଳା ସଙ୍ଗଠନ ‘ନନ୍ଦିନୀ ଦେବୀ’ ପକ୍ଷରୁ ସୋମବାର ଆରଡ଼ି ଛକସ୍ଥିତ ଦିବ୍ୟାଲୋକ ନାମକ ଅନ୍ଧ, ମୁକ ଓ ବଧିର ଆଶ୍ରମରେ କମ୍ବଳ ବଣ୍ଟନ କରାଯାଇଛି। ସଙ୍ଗଠନର ସଭାପତି ସରୋଜିନୀ ନାୟକ, ଉପସଭାପତି ଶାନ୍ତିଲତା ବାରିକ, ଗୀତାଞ୍ଜଳି ଅଗସ୍ତି ଓ ସମ୍ପାଦକ ସଂଯୁକ୍ତା ଯାଦବଙ୍କ ନେତୃତ୍ୱରେ ପ୍ରାୟ ୧୫ଜଣ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ ସହ ଖାଦ୍ୟ ପ୍ରଦାନ କରାଯାଇଥିଲା। ସହସମ୍ପାଦିକା ନିରୂପମା ଦାଶ, ଗାୟତ୍ରୀ ସେଠୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ତୃପ୍ତି ଦାସ ଓ ମାର୍ଗଦର୍ଶକ ପ୍ରମୁଖ ଉପସ୍ଥିତ ଥିଲେ।

# ସେମିରେ ଇଷ୍ଟକୋଷ୍ଟ ରେଲ୍‌ୱେ ବିଶାଖାପାଟଣା

## ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ

**ବନ୍ତ,୨୭ା୧(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ପୁରୁଷୋତ୍ତମପୁରସ୍ଥିତ ନେତାଜୀ ବ୍ଲକସ୍ତରୀୟ ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ (ବନ୍ତ କପ୍-୨୦୨୬)ର ମଙ୍ଗଳବାର ପୁଲ୍-‘ବି’ର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟକୋଷ୍ଟ ରେଲ୍‌ୱେ ୱାଲଟିଆର୍ ବିଶାଖାପାଟଣା ଓ ବିସିସିସି ପୋଲିସ ଲାଇନ ବୋକାରୋ ଝାଡ଼ଖଣ୍ଡ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବିଶାଖାପାଟଣା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୫୮ ରନ୍ କରିଥିଲା। ଦଳ ପକ୍ଷରୁ ବି.ସ୍ୱସ୍ତିକ୍ ୫୮ ବଲ୍‌ରେ ୧୨୯ ଏବଂ ୱାଇ. ବସୁ ୨୮ ବଲ୍‌ରେ ୩୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ମୁକେଶ କୁମାର ଯାଦବ ୪ ଉଇକେଟ ନେଇଥିଲେ। ଜବାବରେ ଝାଡ଼ଖଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୨୦୭ ରନ୍ କରି ହାରିଥିଲା। ଇଷ୍ଟକୋଷ୍ଟ ରେଲ୍‌ୱେ ବିଶାଖାପାଟଣା ସେମିଫାଇନାଲରେ ପ୍ରବେଶ କରିଛି। ବୋକାରୋ ଦଳ ପକ୍ଷରୁ ଉତ୍ତମ କୁମାର ୨୭ ବଲ୍‌ରେ ୪୭ ରନ୍ କରି ଅପରାଜିତ ଥିବାବେଳେ ନିଶାନ୍ତ କୁମାର ୨୧ ବଲ୍‌ରେ ୪୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଲଭ ରାଜୁ ୨.୧ ଓଭରରେ ୨୧ ରନ୍ ଦେଇ ୨ ଉଇକେଟ ନେଇଥିଲେ। ବିଶାଖାପାଟଣାର ବି.ସ୍ୱସ୍ତିକଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ଆନନ୍ଦପୁର ବିଧାନସଭା କ୍ଷେତ୍ରର ଭାଜପା ନେତା ଆଲୋକ କୁମାର ସେଠୀ ପ୍ରଦାନ କରିଥିଲେ। ମାନସ ବେହୁରିଆ, ସେକ୍ ୟାକତ୍ ଅଲ୍ଲୀ ଓ ପିଣ୍ଟୁ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସଞ୍ଜୟ କୁମାର ମଜୁମଦାର, ସୁଧାଂଶୁ ଶେଖର ମହାନ୍ତି ଓ ଜୟନ୍ତ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଜ୍ୟୋତି ରଞ୍ଜନ ଜେନା, ବିଶ୍ୱଜିତ୍ ନାୟକ ଓ ଅନିଲ କୁମାର ସ୍ୱାଇଁ ସ୍କୋରର ଥିଲେ।




ପ୍ଲେୟାର ଅଫ ଦି ମ୍ୟାଚ୍ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ‘ବିଭିନ୍ନତା ମଧ୍ୟରେ ଏକତାର ଡୋରି ବାନ୍ଧିଛି ସମ୍ବିଧାନ’

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ





ସମାରୋହରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି। ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଭଦ୍ରକ,୨୭ା୧ (ସନାତନ ରାଉତ/ ରବିନାରାୟଣ ଖିଲାର)**

ଭଦ୍ରକ କଲେଜ ପଡ଼ିଆରେ ସୋମବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ବିଧାନ ଆମକୁ କର୍ତ୍ତବ୍ୟର ପଥ ଦେଖାଇଛି। ଭାରତର ସମ୍ବିଧାନ ବିଭିନ୍ନତା ମଧ୍ୟରେ ଏକତାର ଡୋରି ବାନ୍ଧିଛି। ଏହା ପାଇଁ ଆମେ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରର ମୁକ୍ତ ନିଶ୍ୱାସ ନେଇପାରୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଓଡ଼ିଶା ଇତିହାସରେ ସ୍ୱାଧୀନତା ସଂଗ୍ରାମରେ ଭଦ୍ରକ ମାଟିର ସାହସ ଓ ବଳିଦାନ ଅତୁଳନୀୟ ବୋଲି ମନ୍ତ୍ରୀ କହିବା ସହ ବାସୁଦେବପୁରର ଇରମ ଓ ଧାମନଗରର ଲୁଣିଆଠାରେ ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିବା ଘଟଣା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକାକୁ ଅଭିବାଦନ ଜଣାଇଥିଲେ। ୪୦ଟି ଦଳ ପକ୍ଷରୁ ହୋଇଥିବା ପରେଡ୍ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଭିବାଦନ ଗ୍ରହଣ କରିଥିଲେ। ଉତ୍ତମ ପ୍ରଦର୍ଶନ କରିଥିବା ପରେଡ୍ ଦଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। ଶେଷରେ ଜିଲା ସଂସ୍କୃତି ଭବନରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ମନ୍ତ୍ରୀ ବୁଲି ଦେଖିବା ସହ ଏହାକୁ ପ୍ରସ୍ତୁତ କରିଥିବା କଳାକାରମାନଙ୍କୁ ପ୍ରଶଂସା କରିଥିଲେ।

# ‘ସେବା ମାଧ୍ୟମରେ ଅଧିକାର ସାବ୍ୟସ୍ତ ପାଇଁ ସୁଯୋଗ ଦେଉଛି ଗଣତନ୍ତ୍ର’

## ମୟୂରଭଞ୍ଜ ଜିଲାସ୍ତରୀୟ ଗଣତନ୍ତ୍ର ଦିବସ

ବାରିପଦା,୨୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ଅଭିବାଦନ ଗ୍ରହଣ କରୁଛନ୍ତି।

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାର ଭଞ୍ଜପୁରସ୍ଥିତ ପରେଡ୍ ପଡ଼ିଆରେ ଜିଲାସ୍ତରୀୟ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ହେମକାନ୍ତ ସୟ ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ପରେଡ୍‌ରେ ଅଭିବାଦନ, ପୁରସ୍କାର ବିତରଣ ଓ ବିବିଧ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଆଜିର ସମୟରେ ଗଣତନ୍ତ୍ର କିଭଳି ଲୋକମାନଙ୍କୁ ସେବା ମାଧ୍ୟମରେ ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ଦେଉଛି ସେ ବିଷୟରେ ଅବଗତ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଓ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ ପ୍ରମୁଖ ଉପସ୍ଥିତ ରହି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ବ୍ୟାଣ୍ଡ ଦ୍ୱାରା ପରିବେଷିତ ରାଷ୍ଟ୍ରୀୟ ସଂଗୀତ ଏବଂ ରିଜର୍ଭ ପୋଲିସ ନିରୀକ୍ଷକ ତଥା କମାଣ୍ଡର ଆଲୋକ କୁମାର କାନୁନଗୋଙ୍କ ଦ୍ୱାରା ପରିଚାଳିତ ପରେଡରେ ଓଏସ୍‌ଏପି, ପୋଲିସ, ହୋମଗାର୍ଡ, ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ସ୍କାଉଟ ଏବଂ ଗାଇଡ୍ ଓ ସିଭିଲିଆନ ସମେତ ୩୩ ଗୋଟି ଟ୍ରୁପ ରାଷ୍ଟ୍ରୀୟ ଏକତାର ପରିଚୟ ତ୍ରିରଙ୍ଗା ପତାକାକୁ ସମ୍ମାନ ଜଣାଇଥିଲେ। ଜିଲା ପୋଲିସ ଏବଂ ଓଏସ୍‌ଏପି ୫ମ ବାଟାଲିଅନ ଦଳ ପକ୍ଷରୁ ଏକ ସୁନ୍ଦର ମକ୍‌ଡ୍ରିଲ ଦେଖିବାକୁ ମିଳିଥିଲା। ବିଭିନ୍ନ ସରକାରୀ ଜନ କଲ୍ୟାଣକାରୀ ଯୋଜନାକୁ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ଜିଲାର ବିଭିନ୍ନ ବିଭାଗ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନ, ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଓ ସହକାରୀ ଶିକ୍ଷକ ତଥା ମୟୂରଭଞ୍ଜ ଜିଲା ରେଡକ୍ରସ ଶାଖାର କନିଷ୍ଠ ରେଡ୍‌କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗର କ୍ରୀଡ଼ାବିତମାନଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ପରେଡ୍ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଏନ୍‌ସିସି ବର୍ଗରେ ଏମ୍‌ପିସି (ସ୍ୱୟଂଶାସିତ) ମହାବିଦ୍ୟାଳୟ (ବରିଷ୍ଠ) ଶ୍ରେଷ୍ଠ ପ୍ରଥମ ଦଳ ହୋଇଥିବା ବେଳେ, ଅସନଯୋଡ଼ା କନ୍ୟାଶ୍ରମ ଏନସିସି ଶ୍ରେଷ୍ଠ ଦ୍ୱିତୀୟ, ସ୍କାଉଟ ଏବଂ ଗାଇଡ ବର୍ଗରେ ସେଣ୍ଟ ଅନିସ କନଭେଣ୍ଟ ସ୍କୁଲ, ସରସ୍ୱତୀ ବିଦ୍ୟା ମନ୍ଦିର, ତୁଳସୀ ଚଉରା, ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଶିରିଶବଣି,ଏମ୍‌ପିକେ ଗାର୍ଲସ ହାଇସ୍କୁଲ ଓ ସିଭିଲିଆନରେ ସତ୍ୟସାଇ ବିଦ୍ୟାବିହାର ଗାର୍ଲସ ଓ ସେଣ୍ଟ ଜାଭିଅର ହାଇସ୍କୁଲଙ୍କୁ ଯଥାକ୍ରମେ ଶ୍ରେଷ୍ଠ ପ୍ରଥମ ଓ ଶ୍ରେଷ୍ଠ ଦ୍ୱିତୀୟ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଜିଲାପାଳ ଏକାଦଶ ବନାମ ଜିଲା ଆରକ୍ଷୀ ଅଧୀକ୍ଷକ ଏକାଦଶ ମଧ୍ୟରେ ବାରିପଦା ଷ୍ଟାଡିଅମଠାରେ ଆୟୋଜନ କରାଯାଇଥିଲା। ଏଥିରେ ଜିଲାପାଳ ଏକାଦଶ ବିଜୟୀ ହୋଇଥିଲା।

# ୮୯ ଅଭିଯୋଗର ଶୁଣାଣିକଲେ ଜିଲାପାଳ


ଜନ ଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ଉଦଳା,୨୭।୧(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ଜିଲାପାଳ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ସମୁଦାୟ ୮୯ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମିନକେତନ ମହାନ୍ତି ଯୋଗଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୭୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୬ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୧୪ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୩ ଜଣଙ୍କୁ ୮୫ ହଜାର ଚେକ ପ୍ରଦାନ କରାଯାଇଥିଲା।

# ଜୁଆଳିଆ ଏଫ୍‌ସି ଚାମ୍ପିୟନ

## ଏକଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ଗୋପବନ୍ଧୁ ନଗର, ୨୭।୧(ଶାନ୍ତନୁ କୁମାର ମଝୁଆଳ)

ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ମାର୍ଶିଗାଁ ୟୁଥ କ୍ଲବ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଆରପଟା ଏଫସିକୁ ହରାଇ ଜୁଆଳିଆ ଏଫସି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସାମାଜିକ କର୍ମୀ କଲ୍ଲୋଳ ସିଂ, ଜ୍ୟୋତି ଶଙ୍କର ସାହୁ, ଜ୍ୟୋତି ରଞ୍ଜନ ରାଜ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବିନ୍ଧାଣୀ ଯୋଗଦେଇ ଚାମ୍ପିୟନ ଦଳକୁ ୩୦ ହଜାର ଟଙ୍କା ଓ ରନର ଅପ ଦଳକୁ ୨୦ ହଜାର ଟଙ୍କା ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଯୁବକ ସଂଘର ସଭାପତି ହିତେଶ କୁମାର ସାହୁ, ସମ୍ପାଦକ ଟିଟୁ ମୁଖୀ, ମାଧବାନନ୍ଦ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବହୁଭାଷୀ କବି ସମ୍ମିଳନୀ, ସାରସ୍ୱତ ସମାରୋହ

ବାରିପଦା,୨୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଜିଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ବାରିପଦା ଛଉପଡିଆଠାରେ ହେଉଥିବା ପୁସ୍ତକମେଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥି ଜେନାଙ୍କ ସଭାପତିତ୍ୱରେ ପ୍ରଥମେ ସୁଶ୍ରୀ ଭାରତୀ ବେବର୍ତ୍ତା ବନ୍ଦେ ମାତରମ ତଥା ଶ୍ରୀଜଗନ୍ନାଥଙ୍କ ଭଜନ ଅତି ସୁଲଳିତ କଣ୍ଠରେ ପରିବେଷଣ କରିଥିଲେ। ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପ ଜିଲାପାଳ ଡ. ଦୟାସିନ୍ଧୁ ପରିଡା, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟବକ୍ତା, ସାମାଜିକ କର୍ମୀ ଶରତ ଚନ୍ଦ୍ର ନାୟକ ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ପ୍ରାଧାପକ ସୁଶାନ୍ତ କୁମାର ବସା, ସମ୍ମାନିତ ବକ୍ତା ଓ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସାହିତ୍ୟ ଓ କବିତାର ବିଭିନ୍ନ ଦିଗ ଦିଗନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। କବି ଗୋପାଳ ଚନ୍ଦ୍ର ସାଓଙ୍କ ସଂଯୋଜନାରେ ୯୫ରୁ ଉର୍ଦ୍ଧ୍ୱ କବୟିତ୍ରୀ ଓ କବି ଓଡ଼ିଆ, ହିନ୍ଦୀ, ସାନ୍ତାଳୀ, ମୁଣ୍ଡାରୀ, ହୋ, ଇଂରାଜୀ ଓ ବଙ୍ଗଳା ପ୍ରଭୃତି ଭାଷାରେ ସ୍ୱରଚିତ କବିତା ଆବୃତ୍ତି କରି ପରିବେଶକୁ ଭାବମୟ କରିଥିଲେ। ଏହି ଅବସରରେ ବେତନଟୀରୁ ପ୍ରକାଶିତ କଇଁଫୁଲ ପତ୍ରିକାର ୧୦ମ ବର୍ଷ ପ୍ରଥମ ସଂଖ୍ୟା ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସଭାପତି ଡା. ଜେନା ପଠିତ କବିତାଗୁଡ଼ିକର ସମୀକ୍ଷା କରିଥିଲେ। ଏହି ଉତ୍ସବରେ ଡ. ଶଶିଧର ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି, କବୟିତ୍ରୀ, ଖବରଦାତା, ବୁଦ୍ଧିଜୀବି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


ସମାରୋହରେ ଉପସ୍ଥିତ ଅତିଥିମାନେ।

# ଆରମ୍ଭ ହେଲା ଆନ୍ତଃ ରାଜ୍ୟ ତ୍ରିଶକ୍ତି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ


ଅତିଥିଙ୍କ ସହ ଖେଳାଳିମାନେ।

ଠାକୁରମୁଣ୍ଡା,୨୭।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝରଠାରେ ତ୍ରିଶକ୍ତି ଯୁବ କ୍ଲବ ଦ୍ୱାରା ଆୟୋଜିତ ଆନ୍ତଃରାଜ୍ୟ ୧୯ତମ ତ୍ରିଶକ୍ତି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଶିମିଳିପାଳର ପାଦଦେଶରେ ଆୟୋଜିତ ଏହି ଖ୍ୟାତନାମା ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଏବଂ ରାଜସ୍ଥାନରୁ ବିଭିନ୍ନ ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ବକ୍ତା ଭାବେ ପଦ୍ମଲୋଚନ ନନ୍ଦ ଯୋଗଦେଇ ଖେଳାଳିମାନଙ୍କୁ ଶୃଙ୍ଖଳାର ସହ ଖେଳିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବନପାଳ ଅଲିଭା ଦୀପାଳି, ବନରକ୍ଷୀ ମନୋଜ ବେହେରା, ସାବିନା ବେହେରା ଏବଂ ଭାରତୀୟ ସେନାର ଯବାନ ହୃଷିକେଶ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମୟୂରଭଞ୍ଜର ରୁଦ୍ର ଇଲେଭେନ ଏବଂ କେନ୍ଦୁଝରର ଶାଳବଣି ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ପୁରୀର ଭିଣ୍ଡ ସ୍ପୋର୍ଟିଂ ଏବଂ ଭୁବନେଶ୍ୱରର କମାଣ୍ଡୋ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦଳ ଭାବେ ଭୁବନେଶ୍ୱରର କମାଣ୍ଡୋ ଇଲେଭେନ କ୍ୱାଟର-ଫାଇନାଲକୁ ପ୍ରବେଶ କରିଛି।

# ୨୫ ୟୁନିଟ୍ ରକ୍ତ ସଂଗ୍ରହ

ବାରିପଦା,୨୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ରକ୍ତ ଭଣ୍ଡାରଠାରେ ଭାରତୀୟ ରେଡକ୍ରସ ସୋସାଇଟିର ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଗଣତନ୍ତ୍ର ଦିବସ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଶିବିରକୁ ଜିଲା ଜରୁରୀକାଳୀନ ଅଧିକାରୀ ତଥା ଭାରତୀୟ ରେଡକ୍ରସ ସୋସାଇଟିର ମୟୂରଭଞ୍ଜ ଜିଲା ଶାଖା ସମ୍ପାଦକ ଶ୍ରଦ୍ଧା ସୁମନ, କାର୍ଯ୍ୟକାରୀ ସଦସ୍ୟ ଅମର କୁମାର ସେଠି, ଆଜୀବନ ସଦସ୍ୟ ଅସୀମ କୁମାର ଚକ୍ରବର୍ତ୍ତି ଓ ଜୁନିଅର ରେଡକ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ପ୍ରମୁଖ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ଅଭାବ ଜନିତ ସମସ୍ୟାକୁ ଦୂରୀଭୂତ କରିବା ପାଇଁ ଗଣତନ୍ତ୍ର ଦିବସରେ ଏହିଭଳି ମହତ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ଶିବିରରେ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ଜରୁରୀକାଳୀନ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଚିନ୍ମୟ ଶତପଥୀ, ରବୀନ୍ଦ୍ର ନାଥ ଦାଶ, ଅମୃତା ଶତପଥୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। କୀଚକ ବେହେରା, ସଞ୍ଜୀବ ମହାନ୍ତି, ଦେବାଶିଷ ଗୁପ୍ତା ଏବଂ ରକ୍ତ ଭଣ୍ଡାର କର୍ମଚାରୀମାନେ ସହଯୋଗ କରିଥିଲେ।


ଶିବିରରେ ଉପସ୍ଥିତ ଅତିଥିମାନେ।

# ବାଲ୍ୟବିବାହମୁକ୍ତ ଭାରତ ପାଇଁ ସାଇକେଲ ଶୋଭାଯାତ୍ରା

ଉଦଳା/ରାଇରଙ୍ଗପୁର,୨୭।୧
(ସନ୍ତୋଷ କୁମାର ବାଛିନୀ/ମାନସ ମହାନ୍ତି)

୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଉଦଳା ତାଲୁକ ଆଇନ ସେବା ସଂସ୍ଥା ଦ୍ୱାରା ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ସାଇକେଲ ର୍‍ୟାଲି ଆୟୋଜିତ ହୋଇଯାଇଛି। ଉଦଳା କୋର୍ଟ ପରିସରରୁ ଏହି ସାଇକେଲ ର୍‍ୟାଲି ବଜାର ପରିକ୍ରମା କରିଥିଲା। ଉଦଳା ଏଡିଜେ ପ୍ରଦୀପ କୁମାର ବେହେରା ଓ କନିଷ୍ଠ ଦୌରାଜଜ ଅନୁରାଗ ଦେହୁରୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଏବଂ ଉଦଳା ମହାବିଦ୍ୟାଳୟର ଛାତ୍ରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗ୍ରାମାଞ୍ଚଳରେ ସଚେତନତା ଅଭାବରୁ ବାଲ୍ୟ ବିବାହ ପ୍ରଥା ଏବେ ବି ରହିଛି। ଏହା ସହିତ ଅନେକ ଆଇନ ରହିଥିଲେ ସୁଦ୍ଧା ସେଥିରୁ ଅଜ୍ଞ ରହି ଅନେକ ବାରମ୍ବାର ବାଲ୍ୟ ବିବାହ କରାଉଛନ୍ତି, ଯାହା ଦ୍ୱାରା ଛୋଟ ଅବସ୍ଥାରେ ନାବାଳିକାମାନେ ନାନା ସମସ୍ୟାର ସାମ୍ନା କରୁଛନ୍ତି ତେଣୁ ସମସ୍ତେ ସଜାଗ ରହିଲେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ହୋଇପାରିବ ବୋଲି ଅତିଥି କହିଥିଲେ।

ସେହିପରି, ରାଇରଙ୍ଗପୁର ସିଭିଲ କୋର୍ଟ ପକ୍ଷରୁ ମଧ୍ୟ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ରାଇରଙ୍ଗପୁର ଆଇନ ସେବା କମିଟି ଅଧ୍ୟକ୍ଷା ଡ. ଭି. ସୁଜାତା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିନିୟର୍ ସିଭିଲ ଜଜ ଆଲୋକ ପଣ୍ଡା ଏବଂ ଏସ୍‌ଡିଜେଏମ୍ ମନିନ୍ଦ୍ର ଭୂଷଣ ସାହୁ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଓକିଲ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟା ସଦସ୍ୟମାନେ ସାମିଲ ଥିଲେ।

# ‘ବିକଶିତ ଭାରତ ଗଠନରେ ସମସ୍ତଙ୍କ ସହଯୋଗ ଜରୁରୀ’

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ




ବାରିପଦା,୨୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ସମେତ ଅନ୍ୟ ସମସ୍ତ ଅତିଥିମାନେ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାର୍ଘ୍ୟ ଅର୍ପଣ କରିଥିଲେ ପରେ ପ୍ରଫେସର ଶତପଥୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରତ୍ୟେକ ଭାରତୀୟ ନିଜ ଦାୟିତ୍ୱ ସୁଚାରୁ ପରିଚାଳନା କରିବାହିଁ ଦେଶମାତୃକା ପ୍ରତି ନିଜର ଯଥାର୍ଥ ସେବା ବୋଲି ଅଭିହିତ କରି ଏକ ବିକଶିତ ଭାରତ ଗଠନ ଦିଗରେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ପ୍ରଫେସର ଶତପଥୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ନାଗରିକର ନୈତିକ ଦାୟିତ୍ୱ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା ସାଧାରଣତନ୍ତ୍ର ଦିବସ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ପ୍ରବୀଣ ପ୍ରଧାନ, ସତ୍ୟପ୍ରକାଶ ପତି, ସୁରକ୍ଷାକର୍ମୀ ପ୍ରେମ କୁମାର ପାତ୍ର ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ,ଛାତ୍ରୀଛାତ୍ର, ସୁରକ୍ଷାକର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କ୍ରୀଡ଼ାଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ

ଗୋପବନ୍ଧୁ ନଗର,୨୭।୧(ଶାନ୍ତନୁ କୁମାର ମଝୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତ ସିମିଳାବନ୍ଧସ୍ଥିତ ପ୍ରସିଦ୍ଧ ବାବା ସିଦ୍ଧେଶ୍ୱର ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁରୀ କରମଳାସ୍ଥିତ ଅଭିରାମ ପରମହଂସ ଆଶ୍ରମର ବାବାଜୀ ହରିହର ଦାସ, ବାବାଜୀ ଶ୍ୟାମସୁନ୍ଦର ଦାସ ଓ ଦୀନବନ୍ଧୁ ଦାସ ଯୋଗ ଦେଇଥିଲେ। ଶିବପ୍ରୀୟା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ଅବକାରୀ ଚଢ଼ାଉ, ୩ ଗିରଫ

କରଞ୍ଜିଆ,୨୭।୧(କବିତା ମହାନ୍ତ)

କରଞ୍ଜିଆ ଅବକାରୀ ବିଭାଗ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୫୬ଲିଟର ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଅବକାରୀ ନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟାଙ୍କ ନେତୃତ୍ୱରେ ଅବକାରୀ ଏସଆଇ ରଶ୍ମିରଞ୍ଜନ ନାୟକ, ଏଏସ୍‌ଆଇ ଫୁଲମଣୀ ନାୟକଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରି ମଦ କାରବାର କରୁଥିବା ମାଲଦେ ସୋରେନ (୪୩),ସାଲଗେ ସୋରେନ (୩୬),ସମାୟା ମୁର୍ମୁ (୩୦)ଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ମୋଟ ୫୬ଲିଟର ମଦ ଜବତ କରିବା ସହିତ ଏକ ପଲସର ମଟର ସାଇକେଲ ଓ ଏକ ସାଇକେଲ ଜବତ କରିଥିଲେ।

# ଜିଲାପାଳ ଏକାଦଶ ବିଜୟୀ



## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ବାରିପଦା,୨୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାଧାରଣତନ୍ତ୍ର ଦିବସ ଅବସରରେ ଜିଲା ପ୍ରଶାସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ପଡିଆରେ ଜିଲାପାଳ ଏକାଦଶ ଓ ଏସପି ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ଜିଲାପାଳ ଏକାଦଶ ୬ ଉଇକେଟରେ ଏସପି ଏକାଦଶକୁ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଏସପି ଏକାଦଶ ୧୫ ଓଭରରେ ୯ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଜିତ କୁମାର ବେହେରା ୫୪, ହିତାଂଶୁ ହିଲାଲ ଦାସ ୨୮, ପ୍ରମୋଦ କୁମାର ବେହେରା ୨୬ ଓ ସୁଶୀଲ ମାଝୀ ୨୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ ବସା ୪ଟି, ଏଡିଏମ ନେତ୍ରାନନ୍ଦ ମଲ୍ଲିକ ୨ଟି ଓ ସତ୍ୟବ୍ରତ ଦାସ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜିଲାପାଳ ଏକାଦଶ ୪ ଉଇକେଟ ହରାଇ ୧୬୧ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ବସା ୬୧, ପ୍ରଭାକର ମହଲା ୩୭ ଓ ଚକ୍ରଧର ସେଠି ୨୪ ରନ ସଂଗ୍ରହ କରିଥିବା ବେଳେ ହିତାଂଶୁ ହିଲାଲ ଦାସ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ଉପ ଜିଲାପାଳ ଡ. ଦୟାସିନ୍ଧୁ ପରିଡା, କୁମାର ରଞ୍ଜନ ପଣ୍ଡା ଓ ସୋମନାଥ ସିଂହ ବିଭିନ୍ନ ଭାଷାରେ ଧାରବିବାରଣୀ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ତହସିଲଦାର ସପନ କୁମାର ସାହୁ, ଜିଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଣ୍ଡୁୟା, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅମର କୁମାର ସେଠୀ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ପୂର୍ବତନ ଜିଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ‘ଧର୍ମନିରପେକ୍ଷତା ଭାରତୀୟ ସଂସ୍କୃତିର ଆତ୍ମା’

## ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ


ମନ୍ତ୍ରୀ ଓ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଖବରଦାତା।

**ବାଲେଶ୍ୱର, ୨୭।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱର ପୋଲିସ ପରେଡ଼ ପଡ଼ିଆଠାରେ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଜାତୀୟପତାକା ଉତ୍ତୋଳନ କରି ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଥିଲେ ଯେ, ଜିଲାର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ସମଗ୍ର ବିଶ୍ୱରେ ଆମ ଗଣତନ୍ତ୍ରର ମୂଲ୍ୟବୋଧ ଏକ ନିଆରା ପରମ୍ପରା। ବିଭିନ୍ନତା ମଧ୍ୟରେ ଏକତା ଭାରତୀୟଙ୍କ ପାଇଁ ମହାନତା। ଧର୍ମନିରପେକ୍ଷତା ଭାରତୀୟ ସଂସ୍କୃତିର ଆତ୍ମା। ସମଗ୍ର ବାଲେଶ୍ୱର ଜିଲା ସ୍ୱାଧୀନତାର ମହାମନ୍ତ୍ରରେ ଅଭିଭୂତ ହୋଇ ଇଂରେଜଙ୍କ ବିରୋଧରେ ଲଢ଼ିଥିଲେ। ଏହି ମାଟି ବହୁ ବୀର ବୀରାଙ୍ଗନା, ବରପୁତ୍ର, ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ, ଜାତୀୟବାଦୀ ସାହିତ୍ୟିକଙ୍କୁ ଜନ୍ମ ଦେଇଛି ବୋଲି ବକ୍ତବ୍ୟରେ କହିଥିଲେ।

ଏହି ସମାରୋହରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲାପାଳ ଶିବ ମାଲବୀୟ, ଏସ୍‌ପି ପ୍ରତ୍ୟୁଷ ଦିବାକର ମଞ୍ଚାସୀନ ଥିଲେ। ପୋଲିସ କଣ୍ଟିଜେଣ୍ଟ, ପୋଲିସ ବ୍ୟାଣ୍ଡ, ଏନ୍‌ସିସି ଓ ସିଭିଲିଆନ ଦଳ ମିଶାଇ ମୋଟ ୫୪ କଣ୍ଟିଜେଣ୍ଟ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ୫ଟି ପ୍ରଜ୍ଞାପନ ମେଢ଼, ୫ଟି ସାଂସ୍କୃତିକ ଦଳ ଓ ମହାବୀର ଆଖଡ଼ା ସଂଘ ପକ୍ଷରୁ କଳାନୈପୁଣ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ବହୁ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ, ସାମ୍ବାଦିକ, କ୍ରୀଡ଼ାବିତ୍ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବରେ ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ମଞ୍ଚ ପରିଚାଳନା କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ମନ୍ତ୍ରୀ ମଲ୍ଲିକ ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ପୁଷ୍ପ ମେଳା, ରକ୍ତଦାନ ଶିବିର ପରିଦର୍ଶନ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବନ ପରିସରରେ ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀ ଓ ଖେଳି ପ୍ରତିଯୋଗିତାର ବିଜୟିନୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ପରେଡ୍ ପ୍ରଦର୍ଶନ ସହ ନୃତ୍ୟ, ଗୀତ ପରିବେଷଣ



ରାମନଗର ପଡ଼ିଆରେ ଅନୁଷ୍ଠିତ ସମାରୋହରେ ମଞ୍ଚାସୀନ ଅତିଥିମାନେ।

**ବାହାନଗା, ୨୭।୧ (ଅରୂପ କୁମାର ଦାସ)**

ବାହାନଗା ବ୍ଲକ ଖନ୍ତାପଡ଼ା ରାମନଗର ପଡ଼ିଆରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରେଡ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସାଧାରଣ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ବୈଜ୍ଞାନିକ ସିଦ୍ଧାର୍ଥ ପତି, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଧ୍ରୁବନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଚନ୍ଦନେଶ୍ୱର ବେହେରା, ରାମମଣୀ କଲେଜର ପ୍ରିନ୍ସିପାଲ ଶ୍ରୀକାନ୍ତ ବାରିକ, ବରିଷ୍ଠ ସାମାଜିକ କର୍ମୀ ଲଳିତ କୁମାର ପାଣିଗ୍ରାହୀ, ରଞ୍ଜିତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଖନ୍ତାପଡ଼ା ଆଞ୍ଚଳିକ ପରିବହନର ଅଧ୍ୟକ୍ଷ ଦିଲୀପ କୁମାର ଦାସ ସଭାରେ ସଭାପତିତ୍ୱ କରିଥିଲେ। ରାକେଶ ଗିରି ସଂଯୋଜନା କରିଥିଲେ। ରଞ୍ଜନ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଶ୍ରେଷ୍ଠ ପରେଡ ଗ୍ରୁପକୁ ପୁରସ୍କୃତ କରାଯାଇଥିଲା। ସେହିପରି ଗୋପାଳପୁର ପଞ୍ଚାୟତରେ ମଧ୍ୟ ଗଣତନ୍ତ୍ର ଦିବସ ପାଳିତ ହୋଇଛି।

# ବାଲିଆପାଳର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ବାଲିଆପାଳ, ୨୭।୧ (ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ସୋମବାର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ପଞ୍ଚାୟତ ସମିତି ପରିସରରେ ଅଧ୍ୟକ୍ଷା ରଞ୍ଜିତା ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓ ରାଧାରଞ୍ଜନ ଦାସ, ସିଡିପିଓ, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଜିପିଓ ପ୍ରିୟବ୍ରତ ଗିରିଙ୍କ ସହିତ ବହୁ ନିର୍ବାଚିତ ସରପଞ୍ଚ ସଦସ୍ୟ ଯୋଗଦେଇଥିଲେ। ଥାନା ପରିସରରେ ଆଇଆଇସି ସାଲଖାନ ମୁର୍ମୁ, ତହସିଲ ପରିସରରେ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଜାମକୁଣ୍ଡା ଛକ ବଣିକ ସଂଘ ପକ୍ଷରୁ ସଭାପତି ଦାମୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୃଗୁରାମ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ, ଗତିକୃଷ୍ଣ ସାହୁ, ଭାସ୍କର ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ସାହୁ, ବଂଶୀଧର ସାହୁ, ମିଟୁ ଜେନା, କାହ୍ନୁ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ବରିଷ୍ଠ ସଦସ୍ୟ ନବୀନ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ବାଲିଆପାଳ ବସ୍‌ଷ୍ଟାଣ୍ଡଠାରେ ଦୁର୍ଗାପୂଜା କମିଟି ପକ୍ଷରୁ କମିଟି ସମ୍ପାଦକ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ସଦସ୍ୟ ପ୍ରିୟନାଥ ସେଠୀ, ଜଗନ୍ନାଥ ସାହୁ, ବୁଦ୍ଧିରାମ ବେହେରା, କମଳାକାନ୍ତ ସାହୁ, ସତ୍ୟରଞ୍ଜନ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଜାମକୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିଚାଳନା କମିଟି ସଭାପତି ନବୀନ ପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ସୁସ୍ଥ ସମାଜର ପରିକଳ୍ପନାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି।

**ଲଙ୍ଗଳେଶ୍ୱର, ୨୭।୧ (କମଳାକାନ୍ତ ଦାସ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ସ୍ଥିତ କାଳିଝାଟି ପଡ଼ିଆରେ ଲଙ୍ଗଳେଶ୍ୱର ପ୍ରେସ୍ କ୍ଲବ ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି। ଲଙ୍ଗଳେଶ୍ୱର ପ୍ରେସ କ୍ଲବର ସାମ୍ବାଦିକ ରାଧାଗୋବିନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟବକ୍ତା ଭାବେ ବସ୍ତା ଏସ୍‌ଡିପିଓ ମାନସ ଦେଓ, ସମ୍ମାନିତ ଅତିଥି ଭାବରେ ପ୍ରକୃତିମିତ୍ର ସୁମନ୍ତ କୁମାର ଜେନା, ଲଙ୍ଗଳେଶ୍ୱର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ସଞ୍ଜୟ ଦାସ, ଦୁର୍ଗାପ୍ରସନ୍ନ ମହାବିଦ୍ୟାଳୟ ସଭାପତି ଗଗନ ବିହାରୀ ବାରିକ, ଲଙ୍ଗଳେଶ୍ୱର ସଚ୍ଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମୁର୍ମୁ, ବଣିଆଡ଼ିହା ପଞ୍ଚାୟତ ସମିତିସଭ୍ୟ କଟି ମାରେଣ୍ଡି ପ୍ରମୁଖ ଯୋଗଦେଇ ଏକ ସମୃଦ୍ଧ ରାଷ୍ଟ୍ର ଓ ସୁସ୍ଥ ସମାଜର ପରିକଳ୍ପନା କରିବା ଦିଗରେ ଛାତ୍ରୀଛାତ୍ରଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍ ପ୍ରତିଯୋଗିତା ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଏହି ଅବସରରେ ସଫଳ ଚାଷୀ ଏବଂ ସୁଗୃହିଣୀ ଭାରତୀ ମହାପାତ୍ର, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସୁଷମା ଦତ୍ତ, ଯୁବ ଶିଳ୍ପଦ୍ୟୋଗୀ ସତ୍ୟାନନ୍ଦ ପାତ୍ର, ସାମାଜିକ କର୍ମୀ ସୁଶାନ୍ତ କୁମାର କୁମାର ସେନାପତିଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲଙ୍ଗଳେଶ୍ୱର ହରପାର୍ବତୀ କ୍ଲବ ଏବଂ ରାଇପୁର ଶ୍ରୀ ହରିରାମ ଟ୍ରଷ୍ଟର ସଦସ୍ୟମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରେସକ୍ଲବର ସମ୍ପାଦକ କମଳାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ଦେଶମାତୃକାର ସୁରକ୍ଷା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ


ନୀଳଗିରିରେ ସାଧାରଣତନ୍ତ୍ର ଦିବସ ପାଳିତ।

**ନୀଳଗିରି, ୨୭।୧ (ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ଉପଖଣ୍ଡ ସଦର ମହକୁମାରେ ୭୭ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଆୟୋଜିତ ଥାନା ସମ୍ମୁଖ ଷ୍ଟାଡ଼ିୟମ ପଡିଆରେ ସମ୍ମିଳିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଶୁଭଶ୍ରୀ ରଥ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ସ୍ଥାନୀୟ କଳା ବିକାଶ କେନ୍ଦ୍ରର ଅଧ୍ୟକ୍ଷ ଗୌରହରି ଜେନାଙ୍କ ସମେତ ଶିକ୍ଷାର୍ଥୀ ଗଣ ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ମୋଟ ୪୨ଟି ଗ୍ରୁପ୍ ପରେଡ ପ୍ରଦର୍ଶନ କରିଥିଲେ। ବାଲେଶ୍ୱର ଜିଲା ଏବଂ ନୀଳଗିରି ମାଟିର ଗର୍ବ ଗୌରବ ବ୍ୟାସକବି ଫକୀରମୋହନ ସେନାପତିଙ୍କ ରାଜ୍ୟ ପାଇଁ ତାଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିବା ସହିତ ଦେଶ ମାତୃକାର ସୁରକ୍ଷା ଏବଂ ସଂହତି ପାଇଁ ସମସ୍ତେ ସଂଗଠିତ ହେବା ସହ ବିକାଶ ପଥରେ ଶତବାଧା ସତ୍ତ୍ୱେ ସମସ୍ତଙ୍କୁ ଦୃଢ଼ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଏବଂ ୪ଟି ସ୍ତରରେ ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ, ବକ୍ତୃତା, ତର୍କ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍‌ଭିନ୍ନ ନୀଳଗିରି ଉପଖଣ୍ଡର କୃଷି କ୍ଷେତ୍ରରେ ଜଣେ ଅଗ୍ରଣୀ କୃଷକ ଏବଂ ଉଦ୍ୟାନ କୃଷିକ୍ଷେତ୍ରରେ ସଫଳ ମହିଳା ଚାଷୀ ଓ ଖବରଦାତା ସତ୍ୟାନନ୍ଦ ପାତ୍ରଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।

# ଧାନକିଣା ନ ହେବା ପ୍ରତିବାଦରେ ସେବା ସମବାୟ ସମିତି ଫାଟକରେ ତାଲା

**ବାହାନଗା, ୨୭।୧ (ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖିରାସାହାପୁର ପଞ୍ଚାୟତ ଆଳଦା ସେବାସମବାୟ ସମିତିରେ ଚାଷୀ ମାନେ ଅଫିସ ଫାଟକରେ ତାଲା ପକାଇ ଆଗରେ ଧାରଣା ଦେଇଥିଲେ। ଏହି ସମିତିରେ ୧୭ ତାରିଖରୁ କେତେକ ଚାଷୀଙ୍କ ଧାନ ଅନଲାଇନ ଟୋକନ ଥିବା ବେଳେ ଆଜି ପର୍ଯ୍ୟନ୍ତ ଧାନ ମଣ୍ଡିରେ ପଡି ରହିଛି। ମଙ୍ଗଳବାର ମିଲର ଧାନ ନେବାକୁ ଆସିବା କଥା, ହେଲେ ମିଲର ଧାନ କିଣିବା ପାଇଁ ଆସି ନ ଥିଲେ । ଫଳରେ ଚାଷୀ ମଣ୍ଡିରେ ଧାନ ରଖି ଅପେକ୍ଷା କରି ଶେଷରେ ରାଗି ପାଟିତୁଣ୍ଡ ଆରମ୍ଭ କରିଥିଲେ। ଏହି ସମୟରେ ଭଦ୍ରକ ବାଲେଶ୍ୱର ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କର ବାହାନଗା ଶାଖା ମ୍ୟାନେଜର ତୁଷାରକାନ୍ତ ପାତ୍ରଙ୍କ ସହ ଜଣେ ସୁପରଭାଇଜର କୌଣସି କାମରେ ଆଳଦା ସେବା ସମବାୟ ସମିତିକୁ ଆସିଥିବା ବେଳେ ଉତ୍ୟକ୍ତ ଚାଷୀମାନେ ଆସିଥିବା ଅଧିକାରୀଙ୍କ ସହ ସେବା ସମବାୟ ସମିତି, ସଭାପତି, ସମ୍ପାଦକ ଓ କର୍ମଚାରୀଙ୍କୁ ଚାଷୀ ପର୍ଶୁରାମ ଜେନା, ମୁକ୍ତିକାନ୍ତ ଜେନା, କୈଳାସ ମହାନ୍ତି, ପ୍ରଶାନ୍ତ ମହାନ୍ତି, କରୁଣାକର ମହାପାତ୍ର, ବିପିନ ଦାସ, ମୁକ୍ତିକାନ୍ତ ମହାଳିକ, ମୁକ୍ତିକାନ୍ତ ଦାସ, ହେମନ୍ତ ପାତ୍ର, ପୂର୍ଣ୍ଣଚନ୍ଦ୍ର ରାଉତ, ମୁକ୍ତିକାନ୍ତ ଭଞ୍ଜ, ପ୍ରମୋଦ କୁମାର ଦାସ, ରମାକାନ୍ତ ରାଉତ, ଜନାର୍ଦ୍ଦନ ରାଉତ, ଅମୀୟ ବେହେରା, ଅନୁପମା ପଣ୍ଡା ପ୍ରମୁଖ ସେବା ସମବାୟ ଅଫିସ ଭିତରେ ରଖି ଫାଟକରେ ଚାବି ଦେଇ ଧାରଣାରେ ବସି ରହିଥିଲେ। ୨ଘଣ୍ଟା ଅଟକ ପରେ ବ୍ୟାଙ୍କ ମ୍ୟାନେଜର ଉପରିସ୍ଥ ଅଧିକାରୀଙ୍କ ସହ କଥା ହୋଇ ଧାନ ଉଠାଇବା ବ୍ୟବସ୍ଥା କରିବେ ବୋଲି କହିବା ପରେ ଚାଷୀ ମାନେ ଶାନ୍ତ ପଡିବା ସହ ଅଫିସ ତାଲା ଖୋଲିଥିଲେ।

# କହ୍ନେଇବିନ୍ଧାକୁ ହରାଇ ଗରସଙ୍ଗ ୩-୨ରେ ବିଜୟୀ


ଅତିଥିମାନଙ୍କ ଗହଣରେ ଖେଳାଳି।

**ସିମୁଳିଆ, ୨୭।୧ (ସନ୍ତୋଷ ନାୟକ)**

### ମାର୍କୋଣା ଆଥଲେଟିକ ଆସୋସିଏଶନର ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ

ସିମୁଳିଆ ବ୍ଲକର କ୍ରୀଡ଼ା ଅନୁଷ୍ଠାନ ମାର୍କୋଣା ଆଥଲେଟିକ ଆସୋସିଏଶନ (ମା)ର ୪୪ତମ ଏକ ଦିବସୀୟ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ନୀଳକଣ୍ଠେଶ୍ୱର ମନ୍ଦିର ପଡ଼ିଆରେ ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଗରସଙ୍ଗ ଟିମ୍ ପ୍ରତିପକ୍ଷ କହ୍ନେଇବିନ୍ଧା ଟିମ୍‌କୁ ୩-୨ ଗୋଲରେ ହରାଇ ଚଳିତବର୍ଷ ଚାମ୍ପିୟନ ହୋଇଛି। ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ମହାଳିକ କ୍ରୀଡା ଉତ୍ସବର ଉଦ୍‌ଘାଟନ କରିଥିଲେ। ଏହି ଖେଳରେ ନେହେରୁ ଷ୍ଟାଡିୟମ ଭଦ୍ରକ, ସଜନାଗଡ଼ ନୀଳଗିରି, ମଧୁପୁରା ବାଲିଆପାଳ, ଗରସଙ୍ଗ, କହ୍ନେଇବିନ୍ଧା ଏବଂ ବାଲେଶ୍ୱର ସାହସପୁରା ପ୍ରମୁଖ ବିଭିନ୍ନ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷକ ଆକାଶ ନାୟକ, ରଞ୍ଜନ କୁମାର ନାୟକ ପରିଚାଳନା କରିଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆସୋସିଏସନ୍‌ର ପୂର୍ବତନ ସଭାପତି ଗଦାଧର ଜେନା ଅତିଥି ଉଦଘାଟନୀ ଏବଂ ଉଦଯାପନୀ ଉତ୍ସବ ପରିଚାଳନା କରିଥିଲେ ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ଶିବାନନ୍ଦ ପାଢ଼ୀ, ସମ୍ପାଦକ ରମାକାନ୍ତ ପଣ୍ଡା, ସରପଞ୍ଚ ଧରଣୀଧର ନାୟକ, ଅବସର ଜଳସେନା ଅଧିକାରୀ ପଙ୍କଜ କୁମାର ମହାନ୍ତି, ଉପଦେଷ୍ଟା ଜନ୍ମେଞ୍ଜୟ ପଣ୍ଡା ଅତିଥି ରୂପେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥି ଉଭୟ ଚାମ୍ପିୟାନ ଓ ରନର୍ସ ଅପ ଟିମକୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରାକ୍ତନ ସଭାପତି ଗୋଲକ ଚନ୍ଦ୍ର ବେହେରା, ଅସିତ ନାୟକ, ରାମ ସିଂ, ଅଶେଷ ପାତ୍ର, ଅକ୍ଷୟ ପାତ୍ର, ଜଗନ୍ନାଥ ବେହେରା, ଚଗଲା ମିଶ୍ର, ସରୋଜ ମିଶ୍ର ସମେତ ସହଯୋଗୀ ଥିଲେ।

# ଦିବ୍ୟାଙ୍ଗ ପିଲା ପାଳିଲେ ସାଧାରଣତନ୍ତ୍ର ଦିବସ

**କାଳିପଦା, ୨୭।୧ (ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ଅଧୀନ ଡଗରା ପଞ୍ଚାୟତସ୍ଥିତ ମଦର ଟେରେସା ସେବା ସଂଘ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ସୋମବାର ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଭିନ୍ନକ୍ଷମ ପିଲାମାନେ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବାଷ ଚୌଧୁରୀ, ଜୟଦେବ ମହାନ୍ତି, ଅଜିତ କୁମାର ସେଠୀ, ପ୍ରତାପ ଚନ୍ଦ୍ର ଧଳ ପରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍, ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଲିଆପାଳ ଆଇଆଇସି ମୁର୍ମୁ ପିଲାଙ୍କ ମିଠା ଓ ଫଳ ବଣ୍ଟନ କରିଥିଲେ।


ଜାତୀୟ ପତାକା ଉତ୍ତୋଳନ କରାଯାଉଛି।

# ଛାତ୍ରୀଛାତ୍ରଙ୍କ ସଫଳତା ଗୁରୁଙ୍କ ପାଇଁ ଶ୍ରେଷ୍ଠ ଗୁରୁଦକ୍ଷିଣା



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଖଇରା, ୨୭।୧ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରାସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖଇରା ବିଡିଓ ନାରାୟଣ ସାହୁ ମୁଖ୍ୟଅତିଥି, ସହକାରୀ ଅଧ୍ୟାପକ ଡ.ସୁବ୍ରତ କୁମାର ସେନାପତି ମୁଖ୍ୟବକ୍ତା, ସଂସ୍କୃତ ଅଧ୍ୟାପକ ଦ୍ୱାରିକାନାଥ ଶତପଥି ସମ୍ମାନିତ ବକ୍ତା, ରାଜସ୍ୱ ପରିଦର୍ଶିକା ଶୁଭଶ୍ରୀ ସାୟଦର୍ଶିନୀ ଜେନା ସମ୍ମାନନୀୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସଫଳତା ଲାଭ ଗୁରୁଙ୍କ ଶ୍ରେଷ୍ଠ ଗୁରୁଦକ୍ଷିଣା ବୋଲି କହିଥିଲେ । ପ୍ରଧାନ ଶିକ୍ଷକ ମଣିକିଙ୍କର ଜେନା ବିବରଣୀ ପାଠ, ସହକାରୀ ଶିକ୍ଷକ ପ୍ରହଲ୍ଲାଦ ରାୟ ଅତିଥି ପରିଚୟ ଓ ତପନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଏଏସ ପରୀକ୍ଷାରେ କୃତିତ୍ୱ ଅର୍ଜନକାରୀ ପୁରାତନ ଛାତ୍ରୀ ମୋନାଲିସା ରାଉତ, ଏମବିବିଏସ ଛାତ୍ର ରଶ୍ମିରଞ୍ଜନ ପାଣିଗ୍ରାହୀ, ତୃତୀୟ ଶ୍ରେଣୀରେ ବୃତ୍ତି ପାଇଥିବା ବିଶ୍ୱରଞ୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଖଇରା ସାମ୍ବାଦିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ

**ଖଇରା, ୨୭।୧ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇର ସାମ୍ବାଦିକ ପ୍ରକୋଷ୍ଠ ସମ୍ମୁଖରେ ଖଇରା ସାମ୍ବାଦିକ ସଂଘ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ଖବରଦାତା ବଳରାମ ପଣ୍ଡା ପତାକା ଉତ୍ତୋଳନ କରିବା ଅବସରରେ ଭାରତ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିଲେ ହେଁ କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଶାସନ ବ୍ୟବସ୍ଥା ରହିଛି। ଏଣୁ ଶାସନର ସୁଫଳ ଯେଭଳି ସମସ୍ତ ନାଗରିକଙ୍କ ପାଖରେ ପହଞ୍ଚିବ ଏହା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ। ସଭାପତି ଉତ୍କଳବନ୍ଧୁ ପଣ୍ଡା, ସାଧାରଣ ସମ୍ପାଦକ ବଳରାମ ଲେଙ୍କା, କୋଷାଧ୍ୟକ୍ଷ ତପୋଧନ ବାରିକ, ଉପଦେଷ୍ଟା ଅନାମ ଚରଣ ପଣ୍ଡା, ନିରଞ୍ଜନ ବେହେରା, ସଞ୍ଜୟ କୁମାର ବେହେରା, ଧନଞ୍ଜୟ ପଣ୍ଡା, ଶମ୍ଭୁନାଥ ନାୟକ, ବିସ୍ମୟ ବେହେରା, ଦୁର୍ଗାମାଧବ ଓଝା, ଜୟନ୍ତ କୁମାର ରାଉତ, ରଘୁନାଥ ସାମଲ, ଉମେଶ କୁମାର ଜେନା ଓ ଯୁବ ସଙ୍ଗଠକ ତପନ କୁମାର ବୈଶାଖ ପ୍ରମୁଖ ଉପସ୍ଥିତ ଥିଲେ।

# ପରେଡ୍ ପ୍ରଦର୍ଶନକଲେ ସାଢେ ୩ହଜାର ଛାତ୍ରୀଛାତ୍ର

**ଭୋଗରାଇ, ୨୭।୧ (ପ୍ରଦୀପ ଦାସ)**


ମୁଖ୍ୟଅତିଥି ଗୌତମବୁଦ୍ଧ ଦାସ ଅଭିବାଦନ ଗ୍ରହଣ କରୁଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଥାନାଛକ ହେଲିପ୍ୟାଡ ପଡିଆ, ଚନ୍ଦନେଶ୍ୱର ଓ ଦେଉଳା ହାଟରେ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଭୋଗରାଇର ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସାଢେ ୩ହଜାର ଛାତ୍ରୀଛାତ୍ର ଥାନାଛକ ହେଲିପ୍ୟାଡ ପଡିଆ ଓ ଚନ୍ଦନେଶ୍ୱରରେ ଚିତ୍ତାକର୍ଷକ ପରେଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଜାତୀୟ ପତାକାକୁ ଉତ୍ତୋଳନ କରି ଦେଶର ଅଖଣ୍ଡତା, ସାର୍ବଭୌମତ୍ୱ, ଧର୍ମନିରପେକ୍ଷତା ଓ ସମାଜବାଦ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏହି ସମାରୋହରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡା, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରି, ରାଷ୍ଟ୍ରୀୟ ଗୌରବ ସମ୍ମାନପ୍ରାପ୍ତ ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, ଜିଲାପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ, ବିଡ଼ିଓ ପ୍ରଶାନ୍ତ କୁମାର ମହାରଣାଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ। ଚନ୍ଦନେଶ୍ୱର ଭଏସ ଅଫ୍ ଭୋଗରାଇ ଓ ନୀଳଚକ୍ର କ୍ଲବ ପକ୍ଷରୁ ଖବରଦାତା ସୁବାସ ଦାସଙ୍କ ସଞ୍ଚାଳନାରେ ଅପରାହ୍ନରେ ବିଶିଷ୍ଟ ସାମାଜିକ କର୍ମୀ ତପନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଇଂ. ବିଦ୍ୟୁବେନ୍ଦୁ ପାତ୍ର, ବିଶିଷ୍ଟ ଅତିଥି ଭାବେ ଅନନ୍ତ ଦାସ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଅଭିଜିତ ଦାସ, ଆଇନଜୀବୀ ଯାଦବେଶ ମିଶ୍ର, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରପକ୍ଷରେ ଦେଉଳା ହାଟରେ ସାଧାରଣତନ୍ତ୍ର ପ୍ରସ୍ତୁତି କମିଟି ପକ୍ଷରୁ ନିଆରା ଢଙ୍ଗରେ ଜନରାଜ୍ୟ ଦିବସ ପାଳନ କରାଯାଇଥିଲା। ଅପରାହ୍ନରୁ ବହୁ ସ୍କୁଲରୁ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଅରୁଣ କୁମାର ଦାସ ଓ ସୃଜନଶୀଳ କବି ହରିପଦ ସାହୁ, ସାମାଜିକ କର୍ମୀ ଦେବୀ ପ୍ରସାଦ ଗୋସ୍ୱାମୀ ପ୍ରମୁଖ ପରିଚାଳନାରେ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁଦର୍ଶନ ଜେନା, ମୁଖ୍ୟବକ୍ତା ଭାବେ ଆରଆଇଏଚଏସ ମହାବିଦ୍ୟାଳୟର ପ୍ରାଧ୍ୟାପକ ପୂର୍ଣ୍ଣେନ୍ଦୁ ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅତୁଲ ଚନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତି, ଶିକ୍ଷକ ମନୋଜ କୁମାର ଜେନା, ଦିଲୀପ କୁମାର ଦତ୍ତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶହୀଦ ଉତ୍ତମ କୁମାର ମହାନ୍ତି, ସାମାଜିକ କର୍ମୀ ଜାମସେଦ ଅଲ୍ଲୀ ଖାଁନ, କୁନି ଶିଳ୍ପୀ ଅମ୍ରିତା ମହାନ୍ତିଙ୍କ ସହିତ ୫ ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କେନ୍ଦୁଝର ହେବ ଓଡ଼ିଶାର ଆଦର୍ଶ ଜିଲା: ଯୋଗାଣ ମନ୍ତ୍ରୀ

କେନ୍ଦୁଝର, ୨୭।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ମହକୁମାରେ ୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି। କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ଆନୁଷ୍ଠାନିକ ପରେଡ଼୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଆମର ସ୍ୱପ୍ନ, ସଂକଳ୍ପ ହେଉ। ସମସ୍ତେ ଭଲ ନାଗରିକ ହେବା ସହ ଦେଶ ପ୍ରତି ନିଜର କର୍ତ୍ତବ୍ୟ ପାଳନ କରନ୍ତୁ। ଦେଶର ସ୍ୱାଧୀନତା ପାଇଁ ଅସୀମ ତ୍ୟାଗ କରିଥିବା ଏବଂ ବଳିଦାନ ଦେଇଥିବା ସଂଗ୍ରାମୀ, ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଓ ଦେଶ ଗଠନରେ ବ୍ରତୀ ହେବାକୁ ମନ୍ତ୍ରୀ ଆହ୍ୱାନ ଜଣାଇଥିଲେ। କେନ୍ଦୁଝର ଜିଲାକୁ ବୀର ମାଟି ଭାବେ ଅଭିହିତ କରି ସ୍ୱାଧୀନତା ସଂଗ୍ରାମ କାଳରେ ସଂଗ୍ରାମୀମାନଙ୍କର ଉଚ୍ଚ ଆଦର୍ଶ ଆମ ପାଇଁ ପ୍ରେରଣା ସାଜିଛି। କେନ୍ଦୁଝର ଓଡ଼ିଶାର ଆଦର୍ଶ ଜିଲା ହେବ ବୋଲି ମନ୍ତ୍ରୀ କହିଥିଲେ। ସମସ୍ତେ ମିଳିମିଶି ଓଡ଼ିଶାର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ କେନ୍ଦୁଝରକୁ ଏକ ଆଦର୍ଶ ଜିଲା ଭାବେ ଗଢ଼ି ତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲାରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଓ ଯୋଜନାର ଠିକ୍ ପରିଚାଳନା ହେଉଥିବାରୁ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ।

ପରେଡ଼୍‌ରେ ୫୩ଟି ଦଳ ଅଂଶଗ୍ରହଣ କରି ଚିତ୍ତାକର୍ଷକ ମାର୍ଚ୍ଚପାଷ୍ଟ କରିଥିଲେ। କାର୍ଯ୍ୟକ୍ରମରେ ୮ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ୪ ଶିକ୍ଷାନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କେନ୍ଦୁଝର ଜିଲା ଆମେଚର୍ ଟାଏକୋଣ୍ଡୋ ଆସୋସିଏଶନ ତରଫରୁ ଟାଏକୋଣ୍ଡୋ ପ୍ରଦର୍ଶନ କରାଯାଇଥିଲା। ଜିଲାପାଳ ବିଶାଳ ସିଂହ ଏବଂ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ସମାରୋହରେ


ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲାପାଳ ବିଶାଳ ସିଂହ ଏବଂ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର।

**ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ତାକର୍ଷକ ପରେଡ୍, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ଓ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଶ୍ରେଷ୍ଠଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲାର ଶ୍ରେଷ୍ଠ ପୁରସ୍କୃତ ହୋଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ସମାରୋହ ପରିଚାଳନା କରିଥିବା ବେଳେ ରିଜର୍ଭ ପୋଲିସ ଇନ୍ସପେକ୍ଟର ମାନସ କୁମାର ବେହେରା ସମ୍ମିଳିତ ଆନୁଷ୍ଠାନିକ ପରେଡ଼ର ନେତୃତ୍ୱ ନେଇଥିଲେ। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଉପଜିଲାପାଳ ଉମାଶଙ୍କର ଦଳାଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡ଼ି, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ବିନୋଦ ବିହାରୀ ମିଶ୍ର, କେନ୍ଦୁଝର ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍‌ରେ ପୋଲିସ ଏକାଦଶ ବିଜୟୀ ହୋଇଥିଲା। ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମରେ ମିଳନୀ ସାହିତ୍ୟ ସଂସଦ ସହଯୋଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅଡିଟୋରିୟମଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରେ ସହରରେ ରାମଧୂନ ପ୍ରଚାର କରାଯିବା ସହ ସକାଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରୀ କରାଯାଇଥିଲା। ମୁଖ୍ୟଅତିଥିଙ୍କ ଦ୍ୱାରା ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଶ୍ରୀମେଟାଲିକ୍ସ କାରଖାନାରେ ସାଧାରଣତନ୍ତ୍ର ଦିବସ ପାଳିତ


ସମାରୋହରେ ଉପସ୍ଥିତ କାରଖାନାର ପଦାଧିକାରୀ ଓ କର୍ମଚାରୀ।

କେନ୍ଦୁଝର, ୨୭।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଧୀନ ଅଁରା ଗ୍ରାମରେ ଥିବା ଶିଳ୍ପାନୁଷ୍ଠାନ ଶ୍ରୀମେଟାଲିକ୍ସ ଲିଃ କାରଖାନାରେ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏକ ବର୍ଣ୍ଣାଢ୍ୟ ପରିବେଶରେ କାରଖାନାର ମୁଖ୍ୟ ତଥା ସମାଜସେବୀ ସରୋଜ କୁମାର ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ର ଗଠନ ଏବଂ କାରଖାନାର ସଫଳ ଯାତ୍ରାରେ ସମସ୍ତଙ୍କର ଅବଦାନକୁ ସେ ପ୍ରଶଂସା କରିଥିଲେ। ଶ୍ରୀମେଟାଲିକ୍ସ କାରଖାନା ଶିଳ୍ପ ମାନଚିତ୍ରରେ ଏକ ଅଗ୍ରଣୀ ଶିଳ୍ପାନୁଷ୍ଠାନ ଭାବେ ପରିଗଣିତ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କାରଖାନାର ବୈଷୟିକ ମୁଖ୍ୟ ବି. ଏନ୍ ପ୍ରସାଦ ଓ ମାନବ ସମ୍ବଳ ମୁଖ୍ୟ ଶିଶିର କୁମାର ରାଉତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କାରଖାନାର ବରିଷ୍ଠ ପଦାଧିକାରୀ ଅବନୀ କୁମାର ବିଶ୍ୱାଳ, କ୍ରୀଷ୍ଣା ରାଓ ପାଇଲା, ଶରତ କୁମାର ପ୍ରଧାନ, ନୀହାର ରଞ୍ଜନ ପରିଡା, ସବ୍ୟସାଚୀ ବିଶ୍ୱାଳ, ଆଲମୁରୁ ରମେଶ, ଅମରେଶ ଲେଙ୍କା, ସୁଶୀଲ କୁମାର ଭୂୟାଁ, ଟିଟୁ ପଟ୍ଟନାୟକ, ଅପୂର୍ବ ହୁଇ, ଦେବବ୍ରତ ମେହେର, ବିଶ୍ୱଜିତ ପଟ୍ଟନାୟକ, ଅଦିତି କୁମାର ପଟ୍ଟନାୟକ, ବିଜୟ କୁମାର ବାରିକଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା କର୍ମଚାରୀଙ୍କ ଦ୍ୱାରା ଏକ ମନୋଜ୍ଞ ପରେଡ୍ ପ୍ରଦର୍ଶନ କରାଯାଇଥିଲା। ପରିଶେଷରେ ମାନବ ସମ୍ବଳ ମୁଖ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଉପସ୍ଥିତ ପ୍ଲାଣ୍ଟର ସମସ୍ତ ପଦାଧିକାରୀ ଏବଂ ଶ୍ରମିକମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ପାଟଣା ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ

ପାଟଣା, ୨୭।୧ (ବୀର କିଶୋର ଦାଶ)

ପାଟଣା ବ୍ଲକ୍‌ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖବରଦାତା ବୀର କିଶୋର ଦାଶ, କିଶୋର ଚନ୍ଦ୍ର ମହାନ୍ତ, ବିଜୟ ରତ୍ନ ପତି ଓ ଭୂବିଜ୍ଞାନ କ୍ଷେତ୍ରରେ ୨୦୨୫ରେ ରାଷ୍ଟ୍ରପତିଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଥିବା ଶ୍ରଦ୍ଧାଞ୍ଜଳି ଶୁଭଦର୍ଶୀନୀଙ୍କ ପାଇଁ ତାଙ୍କ ବାପା ମଦନ ମୋହନ ଦ୍ୱିବେଦୀ, ସ୍ୱେଚ୍ଛାସେବୀ ପ୍ରମୋଦ କୁମାର ଭଞ୍ଜ ଦେଓଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସଫଳ ପରେଡଗ୍ରୁପ ଓ ତର୍କ, ଜାତୀତାବାଦୀ ସଙ୍ଗୀତ, ରଚନାରେ ବ୍ଲକସ୍ତରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନୀତ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣା ପାଣି ନାୟକ, ବଡ ପାଟଣା ସରପଞ୍ଚ ବିନତୀ ବାନାରା,ବିଡିଓ ମାନସ କୁମାର ଦଣ୍ଡ ପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସାମାଜିକ କର୍ମୀ ଅଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭାଷ୍ୟକାର ପାର୍ଥ ସାରଥୀ ବେଜ ଓ ଶିକ୍ଷକ ନେତା କମଳାକାନ୍ତ ପତି ସଂଯୋଜନା କରିଥିଲେ। କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଓ ରେଫରୀ ପ୍ରମୋଦ କୁମାର ଭଞ୍ଜ ପରେଡ ପରିଚାଳନା କରିଥିଲେ। ଶିକ୍ଷକ ଜ୍ୟୋତିର୍ମୟ ତ୍ରିପାଠୀ, ପ୍ରମୋଦ କୁମାର ମହାନ୍ତ, ସନ୍ତୋଷ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବିଧାୟକ ଅଖିଳ ଚନ୍ଦ୍ର ନାଏକ ଅଭିବାଦନ ଗ୍ରହଣ କରୁଛନ୍ତି।

# ଧର୍ମଘଟ, ବ୍ୟାଙ୍କସେବା ପ୍ରଭାବିତ



କେନ୍ଦୁଝରସ୍ଥିତ ଏସ୍‌ବିଆଇ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଉଛି।

କେନ୍ଦୁଝର, ୨୭।୧ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

୫ଟି କାର୍ଯ୍ୟ ଦିବସ ଦାବୀରେ ମିଳିତ ବ୍ୟାଙ୍କ ୟୁନିୟନ ଫୋରମ ଡାକରାରେ ମଙ୍ଗଳବାର ପୂର୍ଣ୍ଣ ଦିବସ ବ୍ୟାଙ୍କ ଧର୍ମଘଟ କରାଯାଇଛି। ଏହି ଧର୍ମଘଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଷ୍ଟାଫ୍ ଆସୋସିଏଶନ ଏବଂ ଅଫିସର ଆସୋସିଏଶନ ମିଳିତ ଭାବେ ସାମିଲ ହୋଇ କେନ୍ଦୁଝରସ୍ଥିତ ଏସ୍‌ବିଆଇ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଧର୍ମଘଟ ଯୋଗୁ ବ୍ୟାଙ୍କ ସେବା ପ୍ରଭାବିତ ହେବା ସହ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୯ଟି ବ୍ୟାଙ୍କ ୟୁନିୟନ ଏବଂ ସଂଗଠନ ଦ୍ୱାରା ଏହି ଧର୍ମଘଟ କରାଯାଉଛି। ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ କରିବା ଅର୍ଥାତ୍ ଶନିବାର ଏବଂ ରବିବାର ଛୁଟି ପାଇଁ ସେମାନଙ୍କର ମୁଖ୍ୟ ଦାବି ରହିଛି। ଧର୍ମଘଟ ଯୋଗୁ ବ୍ୟାଙ୍କଗୁଡ଼ିକରେ ନଗଦ ଜମା, ଉଠାଣ, ଚେକ୍ କ୍ଲିୟରାନ୍ସ ଏବଂ ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ହୋଇଛି। ବର୍ତ୍ତମାନ ୬ ଦିନ କାର୍ଯ୍ୟ ଦିବସ ଥିବାବେଳେ ତାହାକୁ ୫ ଦିନ କରିବାକୁ ମିଳିତ ବ୍ୟାଙ୍କ ୟୁନିୟନ ଫୋରମ ପକ୍ଷରୁ କେନ୍ଦ୍ର ସରକାର ଏବଂ ଇଣ୍ଡିଆନ ବ୍ୟାଙ୍କର ଆସୋସିଏଶନ ନିକଟରେ ଦାବି କରାଯାଇ ଆସୁଛି। ୨୦୨୩ରେ ମିଳିତ ବ୍ୟାଙ୍କ ୟୁନିୟନ ଫୋରମ ପକ୍ଷରୁ ଆନ୍ଦୋଳନ ପରେ ଇଣ୍ଡିଆନ ବ୍ୟାଙ୍କର ଆସୋସିଏସନ(ଆଇବିଏ) ଗୋଟିଏ ଦିନ କାର୍ଯ୍ୟ ଦିବସ କମାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ଦାବି ପୂରଣ ହୋଇନାହିଁ। ଏସ୍‌ବିଆଇ ଷ୍ଟାଫ୍ ଆସୋସିଏଶନର କେନ୍ଦୁଝର ଜିଲା ଆଞ୍ଚଳିକ ସମ୍ପାଦକ ଉମାକାନ୍ତ ହାଁସଦା, ସହସମ୍ପାଦକ ତୁଷାରକାନ୍ତ ବେହେରା, ଏସ୍‌ବିଆଇ ଅଫିସର ଆସୋସିଏସନର ପଦ୍ମଲୋଚନ ନାୟକ, ଜୋନାଲ ଉପସଭାପତି ବିଶ୍ୱରଞ୍ଜନ ପୃଷ୍ଟି, ଆଞ୍ଚଳିକ ସମ୍ପାଦକ ବିବେକାନନ୍ଦ ନାୟକ, ଦିଲୀପ ନାୟକ, ହରିହର ମହାନ୍ତ, ରବିଶଙ୍କର ମୁର୍ମୁ, ସସ୍ମିତା ପ୍ରଧାନ, ବୀଣାପାଣି ପାତ୍ର, ପ୍ରଶୀଳା ପାଲ, ବୀଣାପାଣି ନାୟକ, ଐଶର୍ଯ୍ୟା ଖଣ୍ଡେୱାଲ, ଗୀତାଶ୍ରୀ ନାୟକ, ଶୁଭମ ସିଂ, ମାନସ ନାୟକଙ୍କ ସମେତ ଏସ୍‌ବିଆଇର ବହୁ ଅଧିକାରୀ ଓ କର୍ମଚାରୀ ଧର୍ମଘଟରେ ସାମିଲ ଥିଲେ।

# ଟ୍ରିପଲ ମର୍ଡର ଘଟଣାର ସିନ୍ ରିକ୍ରିଏଶନ

ଆନନ୍ଦପୁର, ୨୭।୧
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ଅଧିନ ନିଆଳିଝରଣ ହତ୍ୟାକାଣ୍ଡ ଘଟଣାରେ ୨ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କରିଛି ପୋଲିସ। ହତ୍ୟା ଘଟଣାରେ ୩ ଜଣ ସାମିଲ ଥିବା ବେଳେ ଜଣେ ନାବାଳକ ଥିବାରୁ ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମଣ ଓ ତାଙ୍କ ଭାଇ ବୈଦ୍ୟନାଥଙ୍କୁ ନେଇ ସିନ ରିକ୍ରିଏଶନ କରାଯାଇଛି।

ଘସିପୁରା ଥାନା ଖାଲିଆମେଣ୍ଟା ପଞ୍ଚାୟତ ନିଆଳିଝରଣ ଗାଁରେ ସମସ୍ତ ହତ୍ୟାକାରୀଙ୍କୁ ଗିରଫ କରିଛି ପୋଲିସ। ଅଭିଯୋଗ ଅନୁଯାୟୀ ଗାଁର ଲକ୍ଷ୍ମଣ ସୋରେନ ତାଙ୍କ ଭାଇ ବୈଦ୍ୟନାଥ ସୋରେନ ଓ ପୁତୁରା ସୁଦାମ ଅଚାନକ ବଡଭାଇ ଜିତେନ୍ଦ୍ର ସୋରେନଙ୍କ ଘରେ ପହଞ୍ଚି ପ୍ରଥମେ ବଚସା କରିବା ପରେ ଉତ୍କ୍ଷିପ୍ତ ହୋଇ ଜିତେନ୍ଦ୍ରଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ପୁରୁଣା କଳହକୁ କେନ୍ଦ୍ର କରି ବଚସା ଆରମ୍ଭ ହୋଇଥିବା ବେଳେ ଏଥିରେ ଉତକ୍ଷିପ୍ତ ହୋଇ ଲକ୍ଷ୍ମଣ ପାଖରେ ପଡ଼ିଥିବା ଏକ ଟାଙ୍ଗିଆରେ ପ୍ରଥମେ ଜିତେନ୍ଦ୍ରଙ୍କ ସ୍ତ୍ରୀ ମାଳତୀଙ୍କୁ ହାଣିଥିଲେ। ସେଠାରୁ ଜିତେନ୍ଦ୍ର ଦୌଡ଼ି ପଳାଉଥିବା ବେଳେ ଦୌଡ଼ି ଯାଇ ତାକୁ ହାଣି ଦେଇଥିଲେ। ସେଠାରୁ ଫେରିବା ପରେ ଜିତେନ୍ଦ୍ରଙ୍କ ନାବାଳିକା ଝିଅଙ୍କୁ ହାଣି ଦେଇଥିଲେ। ପୋଲିସ ଆଗରେ ଲକ୍ଷ୍ମଣ ସବୁ ସତ ମାନିଯିବା ପରେ ବୈଦ୍ୟନାଥ କିଭଳି ଠେଙ୍ଗାରେ ସେମାନଙ୍କ ମୁଣ୍ଡକୁ ବାଡେଇଥିଲେ ସେକଥା ମଧ୍ୟ କହିଛନ୍ତି। ତା'ପରେ ଲକ୍ଷ୍ମଣ ରାସ୍ତାରେ ଫିଙ୍ଗି ଦେଇଥିବା ଟାଙ୍ଗିଆକୁ ନେଇ ବୈଦ୍ୟନାଥ କିଛି ଦୂରରେ ଗୋଟିଏ ନାଳରେ ଫିଙ୍ଗି ଦେଇଥିଲେ। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ମଧ ପୋଲିସ ଜବତ କରିଛି।

# ଅଭିନବ ପରିବାର ପକ୍ଷରୁ ଗଣତନ୍ତ୍ର ଦିବସ



ଢେଙ୍କିକୋଟ, ୨୭।୧ (ନୀଳମଣି ମଣ୍ଡଳ)

ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠର ୨୦୧୦ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଠିତ 'ଅଭିନବ ପରିବାର' ପକ୍ଷରୁ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ଡ.ସରୋଜକାନ୍ତ ବେହେରା, ମୁଖ୍ୟ ବକ୍ତା ଭାବେ କେନ୍ଦୁଝର ଡିଏନ୍ ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ମଧୁସୂଦନ ମିଶ୍ର, ସମ୍ମାନୀୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଖଇର ନାଏକ ଯୋଗ ଦେଇଥିଲେ। ସତ୍ୟନାରାୟଣ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ସଭାପତିତ୍ୱ କରିଥିଲେ। ସଭା ପରିଚାଳନା କରିଥିଲେ ଅଭିନବ ପରିବାରର ସଦସ୍ୟ ସୌମ୍ୟ ରଞ୍ଜନ ବେହେରା ଓ ଚନ୍ଦନ କୁମାର ମହାନ୍ତ। ଏହି ଅବସରରେ ଆଖପାଖ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପରେଡ,ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଭିନବ ପରିବାରର ସଭାପତି ଇଂ. ସୁଭାଶିଷ ମଣ୍ଡଳ, ସମ୍ପାଦକ ଇଂ. ଜ୍ଞାନ ରଞ୍ଜନ ମାଝୀ ଓ କୋଷାଧ୍ୟକ୍ଷ ମାଷ୍ଟର ମାନସ ରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଭିନବ ପରିବାରର ୫୦ରୁ ଉର୍ଦ୍ଧ୍ୱସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ହାଟଡିହୀ, ୨୭।୧ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କଳିଙ୍ଗା ପଞ୍ଚାୟତ ତାମ୍ପଲା ଗ୍ରାମର ଚାଷୀ ସନାତନ ରାଉତ(୬୨) ମଙ୍ଗଳବାର ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି। ସନାତନ ଘରପାଖ ନିଜ ଚାଷଜମିକୁ ପାଣି ପମ୍ପ ସାହାଯ୍ୟରେ ପାଣି ମଡାଉଥିବା ବେଳେ ଅସାବଧାନତା ବଶତଃ ପାଣିପମ୍ପର ବିଦ୍ୟୁତ ତାର ସନାତନଙ୍କ ଦେହରେ ଲାଗିଯାଇଥିଲା।

## ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ

ଢେଙ୍କିକୋଟ, ୨୭।୧ (ନୀଳମଣି ମଣ୍ଡଳ)

ଢେଙ୍କିକୋଟସ୍ଥିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ସତ୍ୟାନନ୍ଦ ସାହୁ(୭୨)ଙ୍କ ସୋମବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ ଦିଲୀପ, ଦୁଷ୍ମନ୍ତ ଓ ଶରତଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ୪ ଲକ୍ଷ ସହାୟତା ଘୋଷଣାକଲେ ମୁଖ୍ୟମନ୍ତ୍ରୀ

**ହାଇୱା ଧକ୍କାରେ ମୃତ୍ୟୁ ଘଟଣା**

ହାଟଡିହୀ, ୨୭।୧ (ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଷ୍ଣୁପୁର ଗ୍ରାମର ଆନନ୍ଦ ଯେନା(୫୮) ଗତ ରବିବାର ହାଇୱା ଧକ୍କାରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ପରିବାର ବର୍ଗକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମବେଦନା ଜଣାଇବା ସହ ଶୋକ ପ୍ରକାଶ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ମାଝୀ ୨୪ ଘଣ୍ଟା ନ ପୂରୁଣୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। କ୍ଷତିପୂରଣ ପ୍ରଦାନ ଏବଂ ବାଲି ପରିବହନରେ କଟକଣା ଦାବିରେ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ ଆନ୍ଦୋଳନ ସୋମବାର ପ୍ରତ୍ୟାହୃତ ହୋଇଛି। ଏଥିସହ ଦୁର୍ଘଟଣା ଘଟାଇଥିବା ହାଇୱା ମାଲିକ ମୃତକଙ୍କ ପରିବାରକୁ ଅଢେଇ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଥିବା ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା ଏବଂ ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ପ୍ରକାଶ କରିଛନ୍ତି।

ସାଇକେଲ ଚାଳକ ଆନନ୍ଦ ଶାଳନିଆଁ ବଜାରରୁ ନିଜ ଘରକୁ ଫେରୁଥିଲେ। ପଛପଟୁ ବାଲିଘାଟକୁ ଯାଉଥିବା ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇ ସାଇକେଲ ସହ ଆନନ୍ଦଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ସ୍ଥାନୀୟ ଲୋକ ବିଷ୍ଣୁପୁର ବାଲିଘାଟକୁ ଯାଇଥିବା ହନୁମାନ ଛକ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଆନ୍ଦୋଳନସ୍ଥଳରେ ଆନନ୍ଦପୁର ବିଧାନସଭା କ୍ଷେତ୍ରର ଭାଜପା ନେତା ଆଲୋକ ସେଠୀ, ହରମୋହନ ଶାସିନୀ, ଯୁଧିଷ୍ଠିର ମଲ୍ଲିକ, ଜ୍ଞାନରଞ୍ଜନ ସାମନ୍ତସିଂହାର, ସୁନୀଲ ନାୟକ, ସୁଶାନ୍ତ ଜେନା, ହାଟଡିହୀ ବିଡିଓ ରଞ୍ଜନ ପରିଡା, ଆନନ୍ଦପୁର ବିଜେଡି ବିଧାୟକ ଅଭିମନ୍ୟୁ ସେଠୀ, ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା, ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, କେନ୍ଦୁଝର ବିଜେଡି ଛାତ୍ର ଜିଲା ସଭାପତି ଅମରେନ୍ଦ୍ର ଧଳ, ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ ମଲିକଙ୍କ ବନ୍ତ ବ୍ଲକ ପ୍ରତିନିଧି ସ୍ମୃତିରଞ୍ଜନ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ବୀରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ।

## କାଠ ବୋଝେଇ ଗାଡ଼ି ଜବତ

ପାଟଣା, ୨୭।୧ (ବୀର କିଶୋର ଦାଶ)

ପାଟଣା ରେଞ୍ଜ ସାହାରପଡା ସେକ୍ସନ ଅନ୍ତର୍ଗତ ବଡ଼ବିଲ ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ଆକାଶିଆ ଗଛ କଟାଯାଇ ଚାଲାଣ ହେଉଥିବା ବେଳେ ମଙ୍ଗଳବାର ଗୋଜି ଟାଙ୍ଗୀରି ନିକଟରୁ କାଠଗଣ୍ଡି ବୋଝେଇ ଏକ ପିକ୍‌ଅପ୍ ଭ୍ୟାନକୁ ବନ ବିଭାଗ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି। ଜବତ କାଠର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏନେଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କୁ ପଚାରିବାରୁ କାଠ କାଟି ଥିବା ଜମି ସରକାରୀ କିମ୍ବା ପ୍ରାଇଭେଟ ସେନେଇ ତଦନ୍ତ ଜାରି ରହିଛି। ଚଢ଼ାଉ ରେ ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ପାଟଣା ବନପାଳ ନିରଞ୍ଜନ ସେଠୀ, ବନରକ୍ଷୀ ଦୀପକ କୁମାର ରଣା, ବନରକ୍ଷୀ ରଞ୍ଜିତା ମହାନ୍ତ, ଝରଣା ରାଣୀ ସାହୁ, ହୃଦାନନ୍ଦ ମହାନ୍ତି ଏବଂ ପାରା କର୍ମଚାରୀମାନେ ସାମିଲ ଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଯୋଡ଼ା, ୨୭।୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ବ୍ଲକ ଅଧୀନ ଜଜାଙ୍ଗ ପଞ୍ଚାୟତର ଜରିବାହାଲ ଖେଳ ପଡ଼ିଆରେ ଏଭର ଗ୍ରୀନ କ୍ଲବ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଭାଜପା ସାଧାରଣ ସମ୍ପାଦକ ଅଗନୁ ମହାନ୍ତ ଓ ଆଶାର ଦ୍ୱାର ଫାଉଣ୍ଡେସନର ଡାଇରେକ୍ଟର ବିଜୟ କୁମାର ମହାକୁଡ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଜୁରୁଡି ସରପଞ୍ଚ ଶୁଭକାନ୍ତି ସଏ, ଜଜାଙ୍ଗ ସରପଞ୍ଚ ପ୍ରିୟଙ୍କା ମାଝୀ, ସଞ୍ଜୟ ପାତ୍ର ଯୋଗ ଦେଇଥିବା ବେଳେ ଅରୁଣ ମିଶ୍ର, ଦୀପାରାଣୀ ମହାକୁଡ, ଶକୁନ୍ତଳା ଗୋପ, ଜୁନୀ ହେମ୍ବ୍ରମ ମଞ୍ଚାସୀନ ଥିଲେ। ଜଜାଙ୍ଗ ପୂର୍ବତନ ସରପଞ୍ଚ ଇନ୍ଦ୍ରମଣୀ ପୂର୍ତ୍ତୀ ପତାକା ଉତ୍ତୋଳନ କରିବା ପରେ ପ୍ରାୟ ୬୨ରୁ ଉର୍ଦ୍ଧ୍ୱ ଖେଳ ଇଭେଣ୍ଟ ଆୟୋଜିତ ହୋଇଥିଲା। ଜୁରୁଡ଼ି, ବିଆଇଏଲ କଲୋନୀ, ଆନ୍ତ୍ରାମାନ୍ତ୍ରା, ହେସାବେଡା, ଜୋରିବାହାଲ ଅଞ୍ଚଳର ଛାତ୍ରୀଛାତ୍ର, ଯୁବତୀ ଯୁବକ, ମହିଳାମାନେ ଅଂଶଗ୍ରହଣ କରିଥିଲେ। ଧନୁ ତୀର ମାଧ୍ୟମରେ ଲକ୍ଷ୍ୟ ଭେଦ ଠାରୁ ଆରମ୍ଭ କରି ଦୌଡ, ଉଚ୍ଚ ଓ ଲମ୍ବ ଡିଆଁ,ସର୍ଟପୁଟ ଥ୍ରୋ, ଝୋଟି ପ୍ରତିଯୋଗିତା, ବେଲୁନ ବ୍ଲାଷ୍ଟ, ସର୍ଟପୁଟ, ଲୁଡୁ ଖେଳ, ଫେନ୍ସି ଡ୍ରେସ, ମ୍ୟୁଜିକ ଚେୟାର ପରି ବହୁ ଆକର୍ଷଣୀୟ ଖେଳ ଆୟୋଜିତ ହୋଇଥିଲା। ପିଲାଙ୍କୁ ନେଇ ନାଚଗୀତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ସଭାପତି ହେମଲାଲ ଶର୍ମା,ସମ୍ପାଦକ ବସନ୍ତ କୁମାର ମାଝୀ, କୋଷାଧ୍ୟକ୍ଷ ସରୋଜ ଚାମ୍ପିଆ, ମନମୋହନ ସର୍ଦ୍ଦାର,ଟୁକୁନାନନ୍ଦ ମୁଣ୍ଡା, ଲକ୍ଷ୍ମଣ ମାଝୀ, ଖାନଦାନୀ ନାଏକ, ସଦାନନ୍ଦ ସର୍ଦ୍ଦାର, ରାଜୁ ପାତ୍ର, ସରୋଜ କୁଅଁର, ଧନ ବାହାଦୂରଙ୍କ ସମେତ ଅନ୍ୟ ସଦସ୍ୟ ଏହି ବାର୍ଷିକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବାଲ୍ୟବିବାହମୁକ୍ତ ଭାରତ ପାଇଁ ସାଇକେଲ ଶୋଭାଯାତ୍ରା

**ବଡ଼ବିଲରେ ସାଧାରଣତନ୍ତ୍ର ଦିବସ**

ବଡ଼ବିଲ, ୨୭।୧ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲର ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏହି ଅବସରରେ ନ୍ୟାୟ ବିଭାଗର ବଡବିଲ ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଲ୍ୟ ବିବାହମୁକ୍ତ ଭାରତ ସ୍ଲୋଗାନରେ ଏକ ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବଡ଼ବିଲ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଜେଏମ୍‌ଏଫ୍‌ସି ପ୍ରଥମ ମଲ୍ଲିକା ଗୋଏଙ୍କା ଜାତୀୟ ପତାକା ଉତ୍ତୋଳନ କରିଥିଲାବେଳେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଉତ୍ସବ ପଡ଼ିଆରେ ବଡ଼ବିଲ ପୌରାଧ୍ୟକ୍ଷ ଲକ୍ଷବଚ୍ଚ ମହାନ୍ତ ଏବଂ ଐକ୍ୟ କ୍ଷେତ୍ରରେ ସାମାଜିକ କର୍ମୀ ବିଜୟ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଏହି ଅବସରରେ ତାଲୁକ ଆଇନ ସେବା ସମିତି ତରଫରୁ ବାଲ୍ୟ ବିବାହମୁକ୍ତ ଭାରତ ପାଇଁ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରୀମାନଙ୍କୁ ନେଇ ଏକ ସାଇକେଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାକୁ ସମିତିର ଅଧ୍ୟକ୍ଷା ତଥା ଜେଏମଏଫସି ପ୍ରଥମ ମଲ୍ଲିକା ଗୋଏଙ୍କା ଏବଂ ଜେଏମଏଫସି ଦ୍ୱିତୀୟ ଶ୍ରେୟା ଶତପଥୀ ଶୁଭାରମ୍ଭ କରିଥିଲେ। ଏହି ସମୟରେ କୋର୍ଟ କର୍ମଚାରୀ, ସରକାରୀ ଓକିଲ ଏବଂ ଆଇନଜୀବୀମାନେ ଉପସ୍ଥିତ ରହିଥିଲେ।



ଆୟୋଜିତ ସାଇକେଲ ଶୋଭାଯାତ୍ରା।

